ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ৺ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 21 | 21 - 27 May 2023 | Sambalpur | Page- 8 | Invitation Price Rs.10

# ଦେଶ 'ଜନ ସେବା ହିଁ ପ୍ରଭୁ ସେବା' ର ଆବେଗ ସହିତ ଗତି କରୁଛି - ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନସିଂ ଜରିଆରେ ଓଡିଶାରେ ୮୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିଛନ୍ତି । ଏହି ପ୍ରକଳ୍ପଗୁଡିକ ମଧ୍ୟରେ ପୁରୀ ଏବଂ ହାୱଡା ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସକୁ ପତାକା ଦେଖାଇ ଶୁଭାରମ୍ଭ, ପୁରୀ ଏବଂ କଟକ ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ, ଓଡିଶାରେ ରେଳ ନେଟୱାର୍କର ୧୦୦% ବିଦ୍ୟୁତିକରଣ କାର୍ଯ୍ୟ, ସମ୍ବଲପୁର-ଟିଟଲାଗଡ ରେଳ ଲାଇନର ଦୋହରୀକରଣ, ଅନୁଗୁଳ- ସୁକିନ୍ଦା ମଧ୍ୟରେ ନୂତନ ବ୍ରଡ ଗଜ ରେଳ ଲାଇନ, ମନୋହରପୁର - ରାଉରକେଲା - ଝାରସୁଗୁଡା – ଜାମଗାଁ ମଧ୍ୟରେ ସଂଯୋଗ କରୁଥିବା ତୃତୀୟ ରେଳ ଲାଇନ୍ ଏବଂ ବିଚ୍ଛୁପାଲି - ଝାରତରଭା ମଧ୍ୟରେ ଏକ ନୂତନ ବ୍ରଡ-ଗଜ୍ ଲାଇନର ଲୋକାର୍ପଣ ରହିଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଲୋକଙ୍କୁ ଆଜି ବନ୍ଦେ ଭାରତ ଏକ୍ସପ୍ରେସ ପ୍ରଦାନ କରାଯାଉଛି ଯାହା ଆଧୁନିକ ତଥା ଆକାଂକ୍ଷୀ ଭାରତର ପ୍ରତୀକ ଅଟେ । ଯେତେବେଳେ ବନ୍ଦେ ଭାରତ ଟ୍ରେନ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲିଥାଏ ସେତେବେଳେ ଭାରତର ଗତି ଏବଂ ପ୍ରଗତି ଦେଖିବାକୁ ମିଳେ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଏହି ଗତି ଓଡିଶା ଏବଂ ପଶ୍ଚିମବଙ୍ଗ ରାଜ୍ୟରେ ମଧ ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ଯାତ୍ରୀମାନଙ୍କ ପାଇଁ ଯାତ୍ରା କରିବାର ଅଭିଜ୍ଞତା ସହିତ ବିକାଶର ଅର୍ଥକୁ ସଂପୂର୍ଣ୍ଣ ରୂପେ ବଦଳାଇ ଦେବ । କୋଲକାତା ଠାରୁ ପୁରୀକୁ ଦର୍ଶନ ପାଇଁ ହେଉ କିମ୍ବା ଅନ୍ୟ କାର୍ଯ୍ୟରେ ହେଉ, ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଯାତ୍ରା ସମୟ ବର୍ତ୍ତମାନ ସାଢେ ଛଅ ଘଣ୍ଟାକୁ ହ୍ରାସ ପାଇବ, ଯାହାଦ୍ୱାରା ସମୟ ବଞ୍ଚିବ, ବ୍ୟବସାୟିକ ସୁଯୋଗ ସୃଷ୍ଟି ହେବ ଏବଂ ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ଆଣିଦେବ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦୂର ଯାତ୍ରା କରିବାକୁ ଚାହୁଁଥିବା ନାଗରିକଙ୍କ ପାଇଁ ରେଳ ହେଉଛି ପ୍ରଥମ ପସନ୍ଦ ଏବଂ ପ୍ରାଥମିକତା । ଅନ୍ୟାନ୍ୟ ରେଳ ବିକାଶ ପ୍ରକଳ୍ପ ବିଷୟରେ ସେ ଉଲ୍ଲେଖ କରିଛନ୍ତି ଯାହା ମଧ୍ୟରେ ପୁରୀ ଏବଂ କଟକ ରେଳ ଷ୍ଟେସନର ପୁନଃର୍ନିର୍ମାଣ ଏବଂ ଆଧୁନିକୀକରଣ ପାଇଁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏଥି ସହିତ ରାଜ୍ୟରେ ଅନେକ ରେଳ ଲାଇନର ଦୋହରିକରଣ ଏବଂ ଓଡିଶାରେ ରେଳ ଲାଇନର ଶତପ୍ରତିଶତ ବିଦ୍ୟୁତିକରଣ କାର୍ଯ୍ୟର ଲୋକାର୍ପଣ କରାଯାଇଛି ।

ଆଜାଦୀ କା ଅମୃତ କାଳର ଯୁଗ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଦେଶର ଏକତା ଏବଂ ଅଖଣ୍ଡତାକୁ ଦୃଢ କରିବା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଦେଶ ଏକଜୁଟ ହୋଇ ରହିଲେ, ଦେଶର ସାମୂହିକ ଦକ୍ଷତା ଶିଖରରେ ପହଞ୍ଚିପାରିବ । ବନ୍ଦେ ଭାରତ ଏକ୍ସପ୍ରେସ ଏଭଳି ବିଶ୍ୱାସର ପ୍ରତିଫଳନ ଯେଉଁଠାରେ ଏହା ଭାରତର ବିକାଶକୁ ଆଗକୁ ବଢାଇବା ସହ ଦେଶ ପାଇଁ ଏକ ଭାରତ ଶ୍ରେଷ୍ଠ ଭାରତ' ଆବେଗ ସହ ବିକାଶର ଇଞ୍ଜିନ ପାଲଟିଛି । ଭାରତୀୟ ରେଳ ସମସ୍ତଙ୍କୁ ଏକ ରଜ୍ଜୁରେ ବାନ୍ଧିଥାଏ ଏବଂ ବନ୍ଦେ ଭାରତ ଏକ୍ସପ୍ରେସ ମଧ ସମାନ ଧାରଣା ଏବଂ ଚିନ୍ତାଧାରା ସହିତ ଆଗକୁ ବଢିବ । ଏହି ଟ୍ରେନ୍ ପୁରୀ ଏବଂ ହାୱଡା ମଧ୍ୟରେ ଆଧାତ୍ମିକ ଏବଂ ସାଂସ୍କୃତିକ ସଂଯୋଗକୁ ମଜବୁତ କରିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସାଂପ୍ରତିକ ସମୟରେ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତ ଏହାର ବିକାଶର ଗତି ବଜାୟ ରଖିଛି । ଏହି ଯାତ୍ରାରେ ପ୍ରତ୍ୟେକ ରାଜ୍ୟର ଅଂଶଗ୍ରହଣକୁ ଶ୍ରୀ ମୋଦୀ ଶ୍ରେୟ ଦେଇଛନ୍ତି ଏବଂ କହିଛନ୍ତି ଯେ ପ୍ରତ୍ୟେକ ରାଜ୍ୟକୁ ନେଇ ଦେଶ ଆଗକୁ ବଢୁଛି । ପୂର୍ବ ସମୟ ତୁଳନାରେ ନୂତନ ଭାରତ ସ୍ୱଦେଶୀ ଭାବରେ ଜ୍ଞାନକୌଶଳ ସୃଷ୍ଟି କରୁଛି ଏବଂ ଏହାକୁ ଦେଶର ପ୍ରତ୍ୟେକ କୋଣ ଅନୁକୋଣକୁ ମଧ ନେଉଛି । ମହାମାରୀ ସମୟରେ ଭାରତ ୫ଜି ଏବଂ ଟିକା ଭଳି ଜ୍ଞାନକୌଶଳ ବିକଶିତ କରିଛି । ଏହି ଉଦ୍ଭାବନଗୁଡ଼ିକ କେବଳ ଗୋଟିଏ ରାଜ୍ୟ କିମ୍ବା ସହରରେ ସୀମିତ ରହିଲା ନାହିଁ ବରଂ ସମାନ ଢଙ୍ଗରେ ସାରା ଦେଶରେ ନିଆଗଲା । ସେହିଭଳି ବନ୍ଦେ ଭାରତ ଦେଶର କୋଣ ଅନୁକୋଣକୁ ସ୍ପର୍ଶ କରୁଛି । ସବକା ସାଥ, ସବକା ବିକାଶର ଏହି ନୀତି ବିକାଶରେ ପଛରେ ପଡିଥିବା ସେହି ରାଜ୍ୟଗୁଡିକ ପାଇଁ ଲାଭଦାୟକ ଅଟେ ।

ସେ କହିଛନ୍ତି ଯେ ଓଡିଶାରେ ରେଳ ଯୋଜନା ପାଇଁ ବଜେଟ୍ ଯଥେଷ୍ଟ ବୃଦ୍ଧି ପାଇଛି । ୨୦୧୪ ପୂର୍ବରୁ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ବାର୍ଷିକ ମାତ୍ର ୨୦ କିଲୋମିଟର ରେଳ ଲାଇନ ପ୍ରତିଷ୍ଠା କରାଯାଇ ଥିବାବେଳେ ୨୦୨୨-୨୩ ବର୍ଷରେ ମାତ୍ର ଗୋଟିଏ ବର୍ଷରେ ୧୨୦ କିଲୋମିଟର ଲମ୍ବା ଲାଇନ ପ୍ରତିଷ୍ଠା କରାଯାଇଥିଲା । ଖୋର୍ଦ୍ଧା ବୋଲାଙ୍ଗୀର ଲାଇନ ଏବଂ ହରିଦାସପୁର-ପାରାଦୀପ ଲାଇନ ଭଳି ଦୀର୍ଘ ଦିନରୁ ପଡି ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ ହେଉଛି । ପଶ୍ଚିମବଙ୍ଗରେ ସମାନ ସଫଳତା ହାସଲ କରିବା ପାଇଁ ଦ୍ରୁତ ଗତିରେ କାର୍ଯ୍ୟ ଚାଲିଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ, ଓଡିଶା ଦେଶର ସେହି ରାଜ୍ୟ ମଧ୍ୟରୁ ଅନ୍ୟତମ ଯେଉଁଠାରେ ରେଳ ଲାଇନର ୧୦୦ ପ୍ରତିଶତ ବିଦ୍ୟୁତିକରଣ ହାସଲ କରାଯାଇଛି । ଏହା ଦ୍ୱାରା ଟ୍ରେନ ଗତିର ସାମଗ୍ରିକ ବୃଦ୍ଧି ଘଟିବା ସହିତ ମାଲବାହୀ ଟ୍ରେନ୍ ପାଇଁ ସମୟ ସଞ୍ଚୟ ହୋଇଛି ।





## ଓଡ଼ିଶାରେ ବନ୍ଦେ ଭାରତ ଟ୍ରେନ ଏବଂ ୮୨୧୬ କୋଟି ମୂଲ୍ୟର ରେଳ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନ ମନ୍ତ୍ରୀ

(ଅବଶିଷ୍ଟାଂଶ ୭ ପୃଷ୍ଠାରେ)

# ଅଚଳ ହେବ ୨୦୦୦ ଟଙ୍କିଆ ନୋଟ୍

ନୂଆଦିଲ୍ଲୀ : ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ୨୦୦୦ ଟଙ୍କିଆ ନୋଟ୍‌କୁ ବଜାରରୁ ଫେରାଇ ନେବାକୁ ଘୋଷଣା କରିଛି । ବ୍ୟାଙ୍କରେ ୨୦୦୦ ଟଙ୍କିଆ ନୋଟ୍ ଗୁଡ଼ିକୁ ଜମା କରିବାକୁ କୁହାଯାଇଛି । ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଲୋକଙ୍କୁ ଏହି ସୁବିଧା ମିଳିପାରିବ । ତେବେ ସେ ପର୍ଯ୍ୟନ୍ତ ବଜାରରେ ୨୦୦୦ ଟଙ୍କିଆ ନୋଟ୍‌ର ଦେଣନେଣ ବନ୍ଦ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି । ଅର୍ଥାତ୍ ଏହାକୁ ଦୈନନ୍ଦିନ କିଣାକିଣିରେ ବ୍ୟବହାର କରାଯାଇ ପାରିବ । ଆରବିଆଇ ଏ ନେଇ ବିଜ୍ଞପ୍ତି ଜାରି କରିଛି । ୨୦୧୬ ନଭେମ୍ବର ୮ରେ ଦେଶରେ ଅଚାନକ ହୋଇଥିଲା ନୋଟବନ୍ଦୀ । ବଜାରରୁ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଫେରାଇ ନିଆଯାଇଥିଲା । କିଛି ଦିନ ପରେ ଆରମ୍ଭ ହୋଇଥିଲା ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ।

ଆର୍‌ବିଆଇ ପକ୍ଷରୁ କୁହାଯାଇଛି, ୨୦୦୦ ଟଙ୍କିଆ ନୋଟ୍ ଆଣିବାର ଉଦ୍ଦେଶ୍ୟ ପୂରଣ ହୋଇଛି । ଏବେ ଏହାକୁ ସର୍କୁଲେସନରୁ ହଟାଯିବ । ନୋଟ୍ ବଦଳ ପାଇଁ ଲୋକଙ୍କୁ ଯଥେଷ୍ଟ ସମୟ ମିଳିବ । ଲୋକେ ୨୦୦୦ ଟଙ୍କିଆ ନୋଟ୍‌କୁ ଯେକୌଣସି ବ୍ୟାଙ୍କ ଶାଖା କିମ୍ବା ଆରବି. ଆଇର ଆଞ୍ଚଳିକ କାର୍ଯ୍ୟାଳୟ ଗୁଡ଼ିକରେ ଜମା କିମ୍ବା ବଦଳ କରିପାରିବେ । ଚଳିତ ମାସ ୨୩ ତାରିଖରୁ ଏ ପ୍ରକ୍ରିୟା ଆରମ୍ଭ ହେବ ଏବଂ ଏହା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ନୋଟ୍ ବଦଳ କାର୍ଯ୍ୟକୁ ସମ୍ପାଦନ କରାଯିବ । ସମସ୍ତ ବ୍ୟାଙ୍କ ୨୦୦୦ ଟଙ୍କିଆ ନୋଟ୍‌ର ଜମା ଏବଂ ବଦଳ ସୁବିଧା ପ୍ରଦାନ କରିବେ ବୋଲି ଆର୍‌ବିଆଇ ପକ୍ଷରୁ ସୂଚନା ଦିଆଯାଇଛି । ବ୍ୟାଙ୍କଗୁଡ଼ିକ ପାଇଁ ମଧ ଏ ସଂକ୍ରାନ୍ତରେ ପୃଥକ ମାର୍ଗଦର୍ଶିକା ଜାରି କରାଯାଇଛି ।

ତେବେ ବ୍ୟାଙ୍କ ଶାଖାଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ଗୋଟିଏ ଥରରେ ଜଣେ ବ୍ୟକ୍ତି ୨୦,୦୦୦ ଟଙ୍କା ବା ୧୦ ଖଣ୍ଡ ପର୍ଯ୍ୟନ୍ତ ୨୦୦୦ ଟଙ୍କିଆ ନୋଟ୍‌କୁ ହିଁ ବଦଳ କରିପାରିବେ । କୌଣସି ବ୍ୟକ୍ତିଙ୍କର ବ୍ୟାଙ୍କରେ ଆକାଉଣ୍ଟ ନ ଥିଲେ ମଧ ସେ ଟଙ୍କା ବଦଳ କରି ପାରିବେ । ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ଏହି ମୂଲ୍ୟାଙ୍କ ନୋଟ୍‌ର ଜମା ସ୍ୱାଭାବିକ ଢଙ୍ଗରେ, ବିନା ପ୍ରତିବନ୍ଧକରେ ହେବ । ଏଥିପାଇଁ କୌଣସି ପରିମାଣ ଧାର୍ଯ୍ୟ କରାଯାଇ ନାହିଁ । ପ୍ରଚଳିତ ନିର୍ଦ୍ଦେଶ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମାବଳୀକୁ ଧ୍ୟାନରେ ରଖାଯିବ ବୋଲି ଆରବିଆଇ ପକ୍ଷରୁ କୁହାଯାଇଛି । ଭିଡ଼କୁ ଦୃଷ୍ଟିରେ ରଖି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବ୍ୟାଙ୍କ ଗୁଡ଼ିକୁ କୁହାଯାଇଛି । ଆରବିଆଇର ୧୯ଟି ଆଞ୍ଚଳିକ କାର୍ଯ୍ୟାଳୟରେ ବି ନୋଟ୍ ବଦଳ ବ୍ୟବସ୍ଥା ମେ' ୨୩ରୁ ଆରମ୍ଭ କରାଯିବ । ତତ୍କାଳ ୨୦୦୦ ଟଙ୍କିଆ ନୋଟ୍ ଜାରିକୁ ବନ୍ଦ କରିବା ପାଇଁ ସର୍ବୋଚ୍ଚ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାଯୋଗ୍ୟ, ୨୦୧୬ ନଭେମ୍ବରରେ ନୋଟବନ୍ଦୀ ବେଳେ ପୁରୁଣା ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍ ବଦଳରେ ନୂଆ ୫୦୦ ଏବଂ ୨୦୦୦ ଟଙ୍କିଆ ନୋଟ୍ ଆଣିଥିଲେ ସରକାର । ବଜାରରେ ଅନ୍ୟ ମୂଲ୍ୟାଙ୍କ ନୋଟ୍‌ର ଉପଲବ୍ଧତା ପର୍ଯ୍ୟାପ୍ତ ହୋଇଯିବା ପରେ ୨୦୦୦ ଟଙ୍କିଆ ନୋଟ୍‌କୁ ପ୍ରତ୍ୟାହାର କରିବା ଯୋଜନା ରହିଥିଲା ।



(ଅବଶିଷ୍ଟାଂଶ ୭ ପୃଷ୍ଠାରେ)

# ମିଳିତ ଜାତିସଂଘରେ ଡକ୍ଟର ପି.କେ ମିଶ୍ରଙ୍କ ଉଦ୍‌ବୋଧନ

ଜାତିସଂଘ : ବିପର୍ଯ୍ୟୟ ମୁକାବିଲା ଏବଂ ତତ୍‌ଜନିତ ବିପତ୍ତିକୁ ହ୍ରାସ କରିବା ଦିଗରେ ଭାରତ ଗୁରୁତ୍ୱ ଦେବା ସହିତ ଏଥିନେଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ଜାରି ରଖିଛି ବୋଲି ମିଳିତ ଜାତିସଂଘ ମହାସଭାର ପୂର୍ଣ୍ଣକାଳୀନ ଅଧିବେଶନରେ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର କହିଛନ୍ତି ।

ସେ କହିଛନ୍ତି ଯେ, ଭାରତ ବିପର୍ଯ୍ୟୟ ବିପତ୍ତି ହ୍ରାସ ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛି । ଏହା ଏକ ପ୍ରମୁଖ ସାର୍ବଜନୀନ ନୀତିଗତ ପ୍ରସଙ୍ଗ ହୋଇଥିବାରୁ ଉନ୍ନତ ପ୍ରଣାଳୀରେ ଏହାର ସମାଧାନ ଦିଗରେ ଆମେ କାର୍ଯ୍ୟ କରୁଛୁ । ଏଥି ସହିତ ବିପର୍ଯ୍ୟୟ ବିପତ୍ତି ହ୍ରାସ କରିବା ଲାଗି ନିର୍ଦ୍ଧାରିତ ପାଣ୍ଠି ଯୋଗାଣରେ ଯଥେଷ୍ଟ ବୃଦ୍ଧି କରିବାକୁ ମଧ ଭାରତ ପ୍ରୟାସ ଜାରି ରଖିଛି ବୋଲି ଡକ୍ଟର ମିଶ୍ର କହିଛନ୍ତି । ବିପର୍ଯ୍ୟୟ ବିପତ୍ତିକୁ ହ୍ରାସ କରିବା, ପ୍ରସ୍ତୁତି, ମୁକାବିଲା ଏବଂ ପୁନଃ ନିର୍ମାଣ ନିମନ୍ତେ ନିଜର ପାଣ୍ଠି ଯୋଗାଣ ବ୍ୟବସ୍ଥାରେ ଐତିହାସିକ ପରିବର୍ତ୍ତନ ଆଣିଛୁ । ଏହା ବ୍ୟତୀତ ପ୍ରସ୍ତୁତି, ମୁକାବିଲା ଏବଂ ପୁନଃନିର୍ମାଣ ପାଇଁ ମଧ ଅତିରିକ୍ତ ୨୩ ବିଲିୟନ ଆମେରିକୀୟ ଡଲାର ପାଣ୍ଠି ମହଜୁଦ ରହିଛି ବୋଲି ସେ କହିଛନ୍ତି । ଗୋଟିଏ ଦଶନ୍ଧି ମଧ୍ୟରେ ବାତ୍ୟାଜନିତ ଧନଜୀବନ କ୍ଷତି ହାର ୨% ତଳକୁ ଖସିପାରିଛି । ସେହିପରି ଭୂସ୍ଖଳନ, ଅଗ୍ନିୟ ଉଦଗୀରଣ, ଭୂକମ୍ପ, ଜଙ୍ଗଲ, ନିଆଁ, ଗ୍ରୀଷ୍ମପ୍ରବାହ ଏବଂ ବଜ୍ରପାତ ଭଳି ବିପର୍ଯ୍ୟୟଜନିତ ବିପଦକୁ ନେଇ କ୍ଷତି କମାଇବା ପାଇଁ ଭାରତ ଅନେକ ମହତ୍ତ୍ୱାକାଂକ୍ଷୀ ପ୍ରଶମନ କାର୍ଯ୍ୟକ୍ରମ ବିକଶିତ କରିପାରିଛି ବୋଲି ଡକ୍ଟର ମିଶ୍ର କହିଛନ୍ତି ।

ଶ୍ରୀ ମିଶ୍ର କହିଛନ୍ତି ଯେ, ଆଗୁଆ ଚେତାବନୀ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ଲାଗି ମଧ ପଦକ୍ଷେପ ନିଆଯାଇଛି । ଏକ ସାଧାରଣ ଚେତାବନି ବ୍ୟବସ୍ଥା (କମନ ଆଲର୍ଟ ପ୍ରୋଟୋକଲ) ବ୍ୟବସ୍ଥା ଲାଗୁ କରାଯାଇଛି ଯାହାକି ବିପର୍ଯ୍ୟୟ ପ୍ରଶମନକାରୀ ଏବଂ ଦୂରସଂଚାରକାରୀ ସେବା ପ୍ରଦାନକାରୀଙ୍କ ସହିତ ଆଗୁଆ ଚେତାବନୀ ଦେଉଥିବା ସଂସ୍ଥାଗୁଡିକୁ ଏକାଠି କରିବ । ଭାରତର ୧୩୦ କୋଟିରୁ ଅଧିକ ନାଗରିକମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ମଧ୍ୟରେ ଆଞ୍ଚଳିକ ଭାଷାରେ ବାର୍ତ୍ତା ପହଞ୍ଚାଇବା ଲାଗି ଭୌଗୋଳିକ କ୍ଷେତ୍ର ଆଧାରିତ ଚେତାବନୀର ପ୍ରଚାର ପ୍ରସାର ସୁନିଶ୍ଚିତ କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।



## ଏ ସଂଖ୍ୟାରେ..


ସପେଟାରେ ବିଭିନ୍ନ ରୋଗ ଦୂର


ନଡିଆ ପାଣି ମହୁର ଉପକାରିତା


ମଧୁମେହର ମହୌଷଧ ତେଜପତ୍ର


ସ୍ୱାସ୍ଥ୍ୟ ପାଇଁ ଭଲ ଲିଚୁ


ରୋଗ ପ୍ରତିରୋଧକାରୀ ଗଙ୍ଗଶିଉଳି


ମକାର ଉପକାରିତା

## ପୋଖରୀରେ ପାଉଁଶ ପୋତିବା ମାମଲାରେ ତିନି ଜଣିଆ ଟିମର ସ୍ଥିତି ଅନୁଧ୍ୟାନ

ଝାରସୁଗୁଡ଼ା: ଝାରସୁଗୁଡା ସଦର ବ୍ଲକ ବୃନ୍ଦାମାଲ ପୋଖରୀରେ ବେଆଇନ ଭାବେ ଏକ ପାଉଁଶ ପୋତିବା ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଥିଲା । ଏହାର ଶୁଣାଣି କରିବାକୁ ଏକ କମିଟି ଗଠନ ହୋଇଥିଲା । ଆସନ୍ତା ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ ଏହି କମିଟିକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ । ପୋଖରୀରେ ପାଉଁଶ ପୋତିବା ମାମଲାରେ ତିନି ଜଣିଆ ଟିମ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଆସନ୍ତା ୨୫ ତାରିଖରେ ଏହି ମାମଲାର ଶୁଣାଣି ଥିବାବେଳେ ଅତିରିକ୍ତ ଜିଲ୍ଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ ,କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ବଡ଼ମାଲ ଥାନାଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଆସନ୍ତା ୨୫ ତାରିଖ ପୂର୍ବରୁ କମିଟି ତା'ର ରିପୋର୍ଟ ଟ୍ରିବ୍ୟୁନାଲ ନିକଟରେ ଉପସ୍ଥାପନ କରିବ । ଝାରସୁଗୁଡା ବୃନ୍ଦାମାଲ ଗ୍ରାମର ଓମ ଶ୍ରୀଶ୍ରୀ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ କରାଯାଇଥିଲା । ଗ୍ରାମବାସୀଙ୍କ ବ୍ୟବହାର ପାଇଁ ଉକ୍ତ ଗ୍ରାମରେ ଚାରୋଟି ପୋଖରୀ ରହିଥିବାବେଳେ ଏହି ପୋଖରୀଗୁଡ଼ିକ ଗ୍ରାମବାସୀଙ୍କ ଆବଶ୍ୟକତା ଜଳ ପୂରଣ କରୁଥିଲା । ତେବେ ୨୦୧୧ ମସିହାରେ କମ୍ ବୃଷ୍ଟିପାତ ଯୋଗୁଁ ପୋଖରୀ ଗୁଡ଼ିକ ଶୁଖି ଯିବାରୁ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ପ୍ରଥମେ ଗୋଟିଏ ପୋଖରୀକୁ ଜେସିବି ସାହାଯ୍ୟରେ ଖୋଳି ପରବର୍ତ୍ତୀ ସମୟରେ କାରଖାନାରୁ ନିର୍ଗତ ପାଉଁଶକୁ ପୋତି ଦେଇଥିଲା । ପରେ ଅନୁରୂପ ଭାବେ ଅନ୍ୟ ତିନୋଟି ପୋଖରୀରେ ମଧ ପାଉଁଶ ପୋତି ଦେଇଥିବା ନେଇ ଅଭିଯୋଗ ହୋଇଥିଲା ।

## ଶାସନ ଥାନାରେ ରକ୍ତଦାନ ଶିବିର

ସମ୍ବଲପୁର: ସମ୍ବଲପୁର ପୁଲିସ ପକ୍ଷରୁ ଶାସନ ଥାନାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ୍ ୧୪୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି ଶିବିରକୁ ସଦର ଏସଡିପିଓ ପ୍ରଦୀପ ସାହୁ ଉଦଘାଟନ କରିଥିଲେ । ଥାନା ଅଧିକାରୀ ଶ୍ରୀ ସୁରୁବାବୁ ଛତ୍ରିଆ ନିଜେ ରକ୍ତଦାନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରକୁ ସମ୍ବଲପୁର ରକ୍ତ ଭଣ୍ଡାରର ଅଧିକାରୀ ଡାକ୍ତର କଳ୍ପେଶ କଳ୍କଡ, ସନ୍ତୋଷ ଗୌଡ, କର୍ମଦେବ ପଟେଲ ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ । ହାବିଲଦାର ଓ କନେଷ୍ଟବଳ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଆୟୋଜନ ଓ ପରିଚାଳନାରେ ଏସଆଇ ରାମେଶ୍ୱର ସିଂ, ଏଏସଆଇ ଗଜିନ୍ଦ୍ର ସେଠ, ନିରଞ୍ଜନ ଦେହୁରୀ, ଭାରତୀ ହୋତା, ଦିଲେଶ୍ୱର ପ୍ରଧାନ, ସୁକାନ୍ତ କୁମାରୀ, ସ୍ୱାଧୀନ ଛତର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଶିବିରକୁ ସ୍ଥାନୀୟ ଡାକ୍ତର ବିନୋଦ ବିହାରୀ ନାୟକ, ଅନନ୍ୟା ନାୟକ, ମିଥୁନ ହୋତା, ଦୁଷ୍ମନ୍ତ ହୋତା, ସମିତି ସଦସ୍ୟ ଅମରଲତା ବେହେରା, ଶାନ୍ତନୁ ହୋତା, ଗୋପାଳ ଅଗ୍ରୱାଲ, ଯୋଗୁ ନାଥଙ୍କ ସମେତ ଥାନାଞ୍ଚଳ ଅଧିନସ୍ଥ ସ୍ଥାନୀୟ ନିବାସୀ ମାନେ ସହାୟତା କରିଥିଲେ ।





## ନିରର୍ଥକ ମନୋରଥ ପୂରଣର ଦୌଡରେ ଲୋକମାନେ ସମସ୍ୟାରେ ଫସିଯାନ୍ତି

ଆସୁରୀ ସ୍ୱଭାବଯୁକ୍ତ ବ୍ୟକ୍ତି ଆଶାର ଅସଂଖ୍ୟ ଫାଶରେ ଫସି ଯାଆନ୍ତି । କାମ-କ୍ରୋଧ ପରାୟଣ ହୋଇ ବିଷୟ-ଭୋଗଗୁଡ଼ିକ ପାଇଁ ଅନ୍ୟାୟପୂର୍ବକ ଧନ ସଂଚୟର ଚେଷ୍ଟା କରିଥାନ୍ତି । ସେହି ଆଶାଗୁଡ଼ିକ ଯାହା ବ୍ୟକ୍ତିକୁ ଏପରି ଚିନ୍ତନ ପ୍ରଦାନ କରିଥାଏ ଯେ ଏହି କାମନା ପୂରଣ ନ ହେଲେ କ'ଣ ହେଲା, ଅନ୍ୟଟି ଅବଶ୍ୟ ପୂରଣ ହେବ– ଏପରି ଆଶାଗୁଡ଼ିକୁ ଭଗବାନ ଶ୍ରୀକୃଷ୍ଣ ଫାଶ ବୋଲି କହିଛନ୍ତି, କାରଣ ତାହା ବ୍ୟକ୍ତିକୁ ମାରେ ନାହିଁ ଓ ବ୍ୟକ୍ତିର ଗଳାରେ ଅନବରତ ପଡ଼ି ରହିଥାଏ । ସେ କହିଛନ୍ତି ଯେ ଆସୁରୀ ବୃତ୍ତି ସଂପନ୍ନ ମନୁଷ୍ୟଙ୍କ ମନରେ ବିବିଧ ପ୍ରକାର କାମନା ପୂରଣ କରିବାର କଳ୍ପନା ସତତ ଉଠୁଥାଏ ଏବଂ ସେଗୁଡ଼ିକର ପୂର୍ତ୍ତି ପାଇଁ ସେମାନେ ଅନେକ ଆଶା ମନରେ ସଜାଇ ବସିଥାନ୍ତି । ଆଜି ସେମାନଙ୍କ ମନ ଗୋଟିଏ ବିଷୟ-ଭୋଗକୁ ପୂରଣ ନିମନ୍ତେ ବ୍ୟାକୁଳ ହୋଇଥାଏ, ତ ସେଇ ମନ କାଲି ଅନ୍ୟ କୌଣସି ଆଡ଼କୁ ଟାଣି ହୋଇଯାଏ । ଗୋଟିଏ ଜାଗାରେ ଆଶା ପୂରଣ ହୋଇ ନ ପାରିଲେ ସେମାନଙ୍କ ମନ ବ୍ୟତିବ୍ୟସ୍ତ ହୋଇଥାଏ, କିନ୍ତୁ ସେତେବେଳକୁ ସେମାନେ ଅନ୍ୟ କୌଣସି ଜାଗାରେ ଆଶା ଲଗାଇ ବସିଯାନ୍ତି । ଏହିପରି ସେମାନେ କେବେ ବି ଆଶାଗୁଡ଼ିକର ବନ୍ଧନରୁ ମୁକ୍ତ ହୋଇ ପାରି ନ ଥାଆନ୍ତି । ଏହାକୁ ଶ୍ରୀଭଗବାନ ଆଶାଗୁଡ଼ିକର ଅସଂଖ୍ୟ ଫାଶର ବନ୍ଧନ ବୋଲି କହିଛନ୍ତି ।

ଏହି ଆଶାଗୁଡ଼ିକ ନିଜର ପୂର୍ତ୍ତି ପାଇଁ ଏପରି ବ୍ୟକ୍ତିମାନଙ୍କୁ କାମ ଓ କ୍ରୋଧର ବନ୍ଧନରେ ବାନ୍ଧି ଦିଅନ୍ତି । କାମନାଗୁଡ଼ିକ ପୂରଣ ହୋଇ ନ ପାରିଲେ କ୍ରୋଧକୁ ଜନ୍ମଦିଏ ଏବଂ ପୂରଣ ହୋଇଗଲେ ଅଭିମାନକୁ ଜନ୍ମ ଦେଇଥାଏ । ଏପରି ସ୍ଥିତିରେ କାମନାଗୁଡ଼ିକ ପୂରଣ କରିବା ପାଇଁ ସେମାନେ ଅନୀତି, ଅନୁଚିତ, ଅନ୍ୟାୟ, ଅନାଚାରର ସାହାଯ୍ୟ ନେବାରେ ସଂକୋଚ କରି ନଥାନ୍ତି । ବିଷୟ-ଭୋଗଗୁଡ଼ିକୁ ଆବଶ୍ୟକତା ଠାରୁ ଅଧିକ ଭୋଗିବା ପାଇଁ କୌଣସି ନା କୌଣସି କୁପଥ ଆପଣାଇବାକୁ ପଡ଼ିଥାଏ । ତେଣୁ ଏପରି ଆସୁରୀ ବୃତ୍ତି ଯୁକ୍ତ ମନୁଷ୍ୟ କାମ ଓ କ୍ରୋଧର ବଶୀଭୂତ ହୋଇ ଅନୀତିପୂର୍ବକ ଧନ ସଂଗ୍ରହର ଦଉଡ଼ରେ ସଂଲଗ୍ନ ହୋଇଯାନ୍ତି । ଏହି ସଂପଦ ପାଇବାର ପ୍ରତିଦ୍ୱନ୍ଦିତା ଦିନେ ସେମାନଙ୍କୁ ମୃତ୍ୟୁ ମୁଖକୁ ଘୋଷାରି ଆଣି ଠିଆ କରିଦିଏ, କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇ ଯାଇଥାଏ । କାରଣ ହାତକୁ କିଛି ଆସେ ନାହିଁ, ପରନ୍ତୁ ଜୀବନ ତମାମ ଅନୀତି, ଅନ୍ୟାୟ ଦ୍ୱାରା କରାଯାଇଥିବା କର୍ମଗୁଡ଼ିକର ବୋଝ ମୁଣ୍ଡ ଉପରକୁ ଆସିଯାଏ । ଆସୁରୀ ବୃତ୍ତି ସଂପନ୍ନ ମନୁଷ୍ୟମାନେ ଏହିପରି ନିଜ ଜୀବନକୁ ହରାଇବସନ୍ତି ।

ଏପରି ବ୍ୟକ୍ତି ବିଚାର କରିଥାଏ ଯେ ଏତେଗୁଡିଏ ବସ୍ତୁ ତ ମୁଁ ଆଜି ପାଇଛି ଆଉ ଏବେ ଏହି ମନୋରଥକୁ ମଧ ପ୍ରାପ୍ତ କରିନେବି । ଏତେ ଧନ ତ ମୋ ପାଖରେ ଅବଶ୍ୟ ରହିଛି, ଏବେ ଏତେ ଧନ ମଧ ହୋଇଯିବ । ଧ୍ୟାନପୂର୍ବକ ଦେଖିଲେ ଶ୍ରୀଭଗବାନ ଏ ସମସ୍ତ ବଚନ ମାଧ୍ୟମରେ ଇସାରା କରି କହିଛନ୍ତି ଯେ ଆସୁରୀ ବ୍ୟକ୍ତି ବାନ୍ଧି ହୁଏ କାହିଁକି ଏବଂ ଦୈବୀ ସଂପଦ ଯୁକ୍ତ ବ୍ୟକ୍ତି ମୁକ୍ତ ହୋଇଯାଏ କାହିଁକି ? ଶ୍ରୀଭଗବାନ କହୁଛନ୍ତି ଯେ ଆସୁରୀ ବୃତ୍ତି ଯୁକ୍ତ ମନୁଷ୍ୟ ସଂପତ୍ତି ସଂଗ୍ରହ କରିବା, ବଢ଼ାଇବା, ଏକାଠି କରିବା ଓ ସେଥିରେ ବି ସନ୍ତୁଷ୍ଟ ନ ହେବାର ପ୍ରତିଦ୍ୱନ୍ଦିତାରେ ଫସିଯାଏ ।

ଏଇ ଯେଉଁ ପ୍ରତିଦ୍ୱନ୍ଦିତା, ତାହା ମନୁଷ୍ୟକୁ ଫସାଇ ଦିଏ । ଯାହା ମନରେ ଏହି ଲୋଭ, ଏହି ଅସନ୍ତୋଷ ଭରି ଯାଏ, ପୁଣି ତାକୁ ଅଧିକରୁ ଅଧିକ ଧନ ମଧ କମ୍ ଲାଗିଥାଏ । ଲୋଭୀ, ଲାଳସୀ, ସଂଗ୍ରହକାରୀକୁ ଅଧିକରୁ ଅଧିକ ଧନ ମଧ କମ୍ ଲାଗେ; କାରଣ ତା' ମନରେ ସନ୍ତୋଷ ନ ଥାଏ ।

ଏହାର ବିପରୀତ ସନ୍ତୋଷୀ ବ୍ୟକ୍ତିକୁ ସଦାବେଳେ ମନେହୁଏ ଯେ ମୋ ପାଖରେ ଯାହା ବି ଅଛି, ତାହା ମଧ ଅଧିକ ତାହାକୁ ଚଳାଇ ନେଲେ କିଛି ଅସୁବିଧା ନାହିଁ । ସନ୍ତୋଷୀ ସବୁ କିଛି ହରାଇ ମଧ ଖୁସୀ ଥାଏ ଓ ଲୋଭୀ ସବୁ କିଛି ପାଇ ମଧ ଦୁଃଖୀ ଥାଏ ।

ଏ ବିଷୟରେ ଗୋଟିଏ ପ୍ରସିଦ୍ଧ ବୋଧକଥା ଅଛି । ଗୋଟିଏ ସହରରେ ଏକ କାଠୁରିଆ ରହୁଥିଲା । ବେଶୀ ଧନ ତା' ପାଖରେ ନ ଥିଲା । ପ୍ରତିଦିନର ଗୁଜୁରାଣ ମେଣ୍ଟାଇବା ପାଇଁ ଦୈନିକ ପରିଶ୍ରମ କରିବାକୁ ପଡୁଥିଲା, କିନ୍ତୁ ତଦ୍ୱାରା ତା'ର କୌଣସି ଅସୁବିଧା ହେଉ ନ ଥିଲା, ବରଂ ସେ ସେହି ପରିଶ୍ରମ କରି ପ୍ରସନ୍ନ ରହୁଥିଲା । ଦିନେ ରାଣୀ ତାକୁ ଏତେ ପ୍ରସନ୍ନଚିତ୍ତ ଥିବାର ଦେଖି ରାଜାଙ୍କୁ କହିଲେ – ''ଏହି ବ୍ୟକ୍ତି ପାଖରେ ଏମିତି କ'ଣ ଅଛି, ଯାହା ଫଳରେ ସେ ଏତେ ଖୁସୀ ଅଛି ।'' ରାଜା କହିଲେ– ''ସେ ପରିଶ୍ରମ କରୁଛି, ତେଣୁ ସନ୍ତୋଷରେ ଅଛି । ତାକୁ ଧନ ଦେଇଦେଲେ ସେ ଅସୁବିଧାରେ ପଡ଼ିବ ।'' ରାଣୀ ଭାବିଲେ- ଏହା କିପରି ସମ୍ଭବ ? ଧନ ମିଳିଲେ ତ ଖୁସୀ ହେବ, ଅସୁବିଧାରେ କାହିଁକି ପଡ଼ିବ ? ରାଣୀଙ୍କୁ ସତ୍ୟର ସାକ୍ଷାତ୍କାର କରାଇବା ହେତୁ ରାଜା ସେହି କାଠୁରିଆର ଘରେ ସ୍ୱର୍ଣ୍ଣମୁଦ୍ରାରେ ଭରା ଗୋଟିଏ ହାଣ୍ଡି ରଖିଦେଲେ । ଘରକୁ ଆସିବା ପରେ କାଠୁରିଆ ଦେଖିଲା ଯେ ସ୍ୱର୍ଣ୍ଣ ମୁଦ୍ରାରେ ପରିପୂର୍ଣ୍ଣ ଏକ ହାଣ୍ଡି ଅଛି, ତାକୁ ଦେଖି ତା'ର ଉଲ୍ଲାସର ସୀମା ରହିଲା ନାହିଁ, ସେ ତୁରନ୍ତ ସେହି ମୁଦ୍ରାଗୁଡ଼ିକୁ ଗଣିବାରେ ଲାଗିଲା ତ ତାହା ୯୯ଟି ହେଲା । ଏବେ ତା'ର ମୁହଁ ସେଥିରେ ଲାଗିଲା । ସେ ଭାବିଲା ୧୦୦ଟି ମୁଦ୍ରା ହୋଇଯିବ ତ କେତେ ବଢ଼ିଆ ହେବ ।

ତା ପରଦିନ ସେ ସେହି ଗୋଟିଏ ସ୍ୱର୍ଣ୍ଣମୁଦ୍ରା ରୋଜଗାର କରିବାର ଦଉଡ଼ରେ ଲାଗିଗଲା । ଧୀରେ ଧୀରେ ଚେହେରା ଶୁଖିଗଲା । ମୁହଁର କାନ୍ତି ଚାଲିଗଲା । ଚେହେରାରୁ ସ୍ମିତ ମନ୍ଦହାସ ଲୋପ ପାଇଗଲା । ଏବେ ରାଜା ରାଣୀଙ୍କୁ ମନେପକାଇ ଦେଲେ ଯେ ଦେଖ ମହାରାଣୀ ! ଇଏ ସେଇ କାଠୁରିଆ, ଯିଏ ଏକ ପଇସା ରୋଜଗାର କରି ଖୁସୀରେ ରହୁଥିଲା ଆଉ ଆଜି ୯୯ର ଚକ୍କରରେ ପଡ଼ି ଏପରି ଫସିଗଲା ଯେ ଖୁସୀରେ ରହିବା ଭୁଲିଗଲା । ଆସୁରୀ ବୃତ୍ତି ଯୁକ୍ତ ମନୁଷ୍ୟ କିଛି ଏହି ପ୍ରକାର ପ୍ରତିଦ୍ୱନ୍ଦିତାରେ ଫସି ଯାଇଥାଏ । ତା'ର ମନ ଏହି ବସ୍ତୁଗୁଡ଼ିକୁ ପାଇବାର ଦଉଡ଼ରେ ବାନ୍ଧି ହୋଇଯାଏ । ଶ୍ରୀଭଗବାନ କହୁଛନ୍ତି – ଏପରି ପ୍ରବୃତ୍ତି ଯୁକ୍ତ ମନୁଷ୍ୟ ଭାବନ୍ତି ଯେ ଆଜି ଏତେ ଗୁଡ଼ିଏ ବସ୍ତୁ ପାଇଗଲି, କାଲି ଏହି ଶେଷ ମନୋରଥଟି ମଧ ପୂରା କରିନେବି ।

କାଲି କେବେ ବି ଆସି ନ ଥାଏ, ଏହା ହିଁ ସତ୍ୟ । ଏହି ବନ୍ଧନରେ କେବଳ ଧନୀମାନେ ବାନ୍ଧି ହୋଇ ନଥାନ୍ତି । ଏବେ ଯାହା ପାଖରେ ଧନ ନାହିଁ, ସେ ମଧ ଏହି ବନ୍ଧନରେ ପଡ଼ିଯାଏ । ଜଣକୁ ଯାହା ମିଳିଛି, ତାହା ତାକୁ କମ୍ ଜଣା ପଡ଼ିଥାଏ ଏବଂ ଅନ୍ୟ ଜଣେ ଏହି ଆଶାରେ ଦଉଡ଼ିଥାଏ ଯେ ସମ୍ଭବତଃ କାଲି ମୋତେ ମିଳିଯିବ । ଶାଶ୍ୱତ ସତ୍ୟ ହେଉଛି ଯିଏ ନିଜକୁ ଯେତିକି ବସ୍ତୁ ସହିତ ଯୋଡ଼ିବ, ସେତିକି ଗଭୀର ବନ୍ଧନରେ ବାନ୍ଧିହେବ ଏବଂ ଯିଏ ନିଜକୁ ଯେତିକି ବସ୍ତୁଗୁଡ଼ିକ ଠାରୁ ଦୂରେଇ ରଖିବ, ସେ ସେତିକି ମୁକ୍ତ ହୋଇଯିବ ।

ଏହି ସଂସାରରେ ଦୁଇଟି ମାର୍ଗ ରହିଛି – ପଦାର୍ଥର ଓ ଚେତନାର । ଗୋଟିଏ ପଦାର୍ଥକୁ ଖୋଜିବା, ଧନକୁ ଏକାଠି କରିବା, ବସ୍ତୁଗୁଡ଼ିକୁ ସଂଗ୍ରହ କରିବାର ପଥ ତ ଅନ୍ୟଟି ହେଉଛି ଚେତନାରେ ବୁଡ଼ିବା, ତାହାକୁ ପରିଷ୍କାର କରିବା ଓ ତାହାର ରୂପାନ୍ତରଣର ପଥ । ପଦାର୍ଥର ସଂଗ୍ରହ – ସଂସାରରେ ଅଟକାଇ ଥାଏ, ବନ୍ଧନର କାରଣ ହୋଇଥାଏ ଓ ଆସୁରୀ ବୃତ୍ତି ଯୁକ୍ତ ମନୁଷ୍ୟର ପରିଭାଷା ହୋଇଥାଏ । ଚେତନାର ରୂପାନ୍ତରଣର ପଥ ମୁକ୍ତିର ମାର୍ଗ ଅଟେ, ତାହା ପରମାତ୍ମାଙ୍କ ପର୍ଯ୍ୟନ୍ତ ପହଞ୍ଚାଇଥାଏ ଓ ଦୈବୀ ସଂପଦ ଯୁକ୍ତ ବ୍ୟକ୍ତିତ୍ୱମାନଙ୍କ ବ୍ୟକ୍ତିତ୍ୱକୁ ଶୋଭାୟମାନ କରିଥାଏ ।

ସତ କହିବାକୁ ଗଲେ ଧନର ଅନ୍ୱେଷଣ, ଏହି ମନୋରଥଗୁଡ଼ିକୁ ପୂରା କରିବାର ଦଉଡ଼ ପିଲାଖେଳ ଠାରୁ ଅଧିକ ନୁହେଁ । ପିଲାମାନେ ମାଟି, ଗୋଡ଼ି, ପଥରକୁ ଏକାଠି କରି ଖୁସୀ ହୋଇଥାନ୍ତି ତ ବଡ଼ମାନେ ମୁଦ୍ରା ଓ ନୋଟ ଏକାଠି କରି ଖୁସୀ ହୋଇଥାନ୍ତି । ପିଲାମାନେ କଣ୍ଢେଇମାନଙ୍କ ସହିତ ସମ୍ବନ୍ଧରେ ରସ ନେଇଥାନ୍ତି ତ ବଡ଼ ହୋଇ ଲୋକେ ନିଜର ସମ୍ବନ୍ଧଗୁଡ଼ିକରେ ସେହି ରସ ନେବାରେ ଲାଗି ଯାଆନ୍ତି । ବାଲ୍ୟାବସ୍ଥାରୁ ନେଇ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ବ୍ୟକ୍ତି ଏହିପରି ହିଁ ବ୍ୟର୍ଥ ବସ୍ତୁଗୁଡ଼ିକ ପଛରେ ଧାଇଁଥାଏ । ବାସ୍ ନାମ, ରୂପ ଓ ଆକାର ବଦଳି ଯାଇଥାଏ ।

ଭିତରର ଯାତ୍ରା ଆରମ୍ଭ ହୋଇଗଲେ, ଏହି ଦଉଡ଼, ଏହି ପାଗଳାମି ସମାପ୍ତ ହୋଇଯାଏ । ଯେତେବେଳେ ଆମର ଚେତନା ବାହ୍ୟ ବାଟବଣାକୁ ତ୍ୟାଗ କରି ଆନ୍ତରିକ ଉପଲବ୍ଧି ଦିଗରେ ବଢ଼ିବା ଆରମ୍ଭ କରିଥାଏ, ସେତେବେଳେ ଅସଲି ସଂପଦର ଅଧିକାରୀ ଆମେ ହୋଇଯାଉ । ଆସୁରୀ ବୃତ୍ତି ଯୁକ୍ତ ବ୍ୟକ୍ତି ନକଲି ସଂପତ୍ତି ପଛରେ ଦଉଡ଼ିଥାଏ ଓ ଜୀବନକୁ ସମସ୍ୟାରେ ଫସାଇଥାଏ, ତ ଦୈବୀ ବୃତ୍ତି ଯୁକ୍ତ ବ୍ୟକ୍ତି ଅସଲି ସଂପତ୍ତିକୁ ନିଜର ଆଭୂଷଣ କରିଥାଏ ।

# ନିଷ୍କାମ ଭକ୍ତିର ମହିମା

**ଭ**ଗବାନଙ୍କୁ ପାଇବାର ସବୁଠାରୁ ସହଜ ଓ ସରଳ ମାର୍ଗ ହେଉଛି ଭକ୍ତି । ଭକ୍ତି ଅର୍ଥାତ୍ ଭଗବାନଙ୍କ ପ୍ରତି ଅଗାଧ ପ୍ରେମ, ଭଗବାନଙ୍କ ପ୍ରତି ଅସୀମ ଅନୁରାଗ, ଭଗବାନଙ୍କ ସହିତ ନିଷ୍କପଟ, ନିଶ୍ଛଳ, ନିଷ୍କାମ ପ୍ରେମ । ନିଷ୍କାମ ପ୍ରେମୀ ଭଗବାନଙ୍କ ଠାରୁ କିଛି ଚାହିଁ ନ ଥାଏ । ଧନସଂପଦ, ସୁଖସମୃଦ୍ଧି, ଋଦ୍ଧି-ସିଦ୍ଧି, ସ୍ୱାସ୍ଥ୍ୟ-ସୌଭାଗ୍ୟ କିଛି ବି ନୁହେଁ, ମୁକ୍ତି, ମୋକ୍ଷ, ନିର୍ବାଣ, କୈବଲ୍ୟ ମଧ ନୁହେଁ ।

ତା'ର ପ୍ରେମରେ କୌଣସି ସର୍ତ୍ତ ନ ଥାଏ, ବାସ୍, କେବଳ ସମର୍ପଣ, ସଂପୂର୍ଣ୍ଣ ସମର୍ପଣ ଥାଏ ଏବଂ ଏହା ବ୍ୟତୀତ ଆଉ କିଛି ବି ନ ଥାଏ- ତେଣୁ ତା'ର ଭକ୍ତି ନିଷ୍କାମ ଅଟେ । ତା'ର କୌଣସି କାମନା, କୌଣସି ଇଚ୍ଛା, କୌଣସି ଦାବି ନ ଥାଏ । ସେ ତ ବାସ୍, ଭଗବାନଙ୍କ ଭକ୍ତିରେ ପ୍ରତ୍ୟେକ କ୍ଷଣ ରମଣ କରିବା, ବୁଡ଼ି ରହିବାକୁ ଚାହିଁଥାଏ । ସେ ତ ନିଜକୁ ଲୋପ କରି ତାଙ୍କ ସହିତ ଏକାକାର ହେବାକୁ ଚାହିଁଥାଏ ।

ସେ ତ ବାସ, ଭଗବାନଙ୍କ ପ୍ରତି ପ୍ରେମରେ ପାଗଳ, ପ୍ରେମରେ ମତୁଆଲା ହୋଇ ରହିବା ଚାହିଁଥାଏ । ସେ ତ ତାଙ୍କ ପ୍ରତି ପ୍ରେମରେ ଏତେ ପାଗଳ, ପ୍ରେମରେ ଏତେ ମାତାଲ, ପ୍ରେମରେ ଏତେ ବୁଡ଼ିଯାଏ ଯେ ତା'ର ମନରେ ଭଗବାନଙ୍କ ଠାରୁ ଭୌତିକ ସୁଖ-ସୁବିଧାଗୁଡ଼ିକୁ ପାଇବାର କୌଣସି ଇଚ୍ଛା ଉତ୍ପନ୍ନ ହେବ ବା କିପରି ?

ଭୌତିକ କ'ଣ, ତା'ର ମନରେ କୌଣସି ଅଲୌକିକ ଇଚ୍ଛା ମଧ ନ ଥାଏ । କାରଣ ଯେଉଁ ମନରେ ଏହି ଇଚ୍ଛା ସବୁ ଉତ୍ପନ୍ନ ହୋଇଥାଏ, ସେହି ମନ ହିଁ ଭଗବତ୍ ପ୍ରେମରେ ଆଗରୁ ବୁଡ଼ି ରହିଥାଏ । ସେ ତ ପ୍ରେମରେ ମତୁଆଲା ଥାଏ, ଭୌତିକ ସୁଖ-ସାଧନକୁ ପାଇବା ବା ମାଗିବାର ହୋସ ତା'ର ଥାଏ କେଉଁଠି ? ସେ ତ ଭଗବାନଙ୍କୁ ପ୍ରେମ କରିଥାଏ । କାରଣ ସେ ଭଗବାନଙ୍କ ଠାରୁ ଏକ ପଳ ମଧ ଅଲଗା ହୋଇ ରହି ନ ପାରେ । ସେ ତ ଭଗବାନଙ୍କ ପ୍ରେମରେ ବୁଡ଼ି ନିଜର ଅସ୍ତିତ୍ୱକୁ ହିଁ ହରାଇ ଦେବାକୁ ଚାହିଁଥାଏ, ସ୍ୱୟଂକୁ ବିଲୀନ କରିବାକୁ ଚାହିଁଥାଏ ବା କହିବାକୁ ଗଲେ ସେ ସ୍ୱୟଂର ଅସ୍ତିତ୍ୱକୁ ହିଁ ଭଗବାନଙ୍କ ଠାରେ ହଜାଇ ଦେଇଥାଏ, ଲୀନ କରି ଦେଇଥାଏ ।

ତାହାହେଲେ ଭଗବାନଙ୍କ ଠାରୁ କିଛି ମାଗିବ ବା କାହିଁକି ଆଉ କାହା ପାଇଁ ? ତା'ର ମନ ଭଗବାନଙ୍କ ପ୍ରେମ ସିନ୍ଧୁରେ ବିନ୍ଦୁ ହୋଇ ବୁଡ଼ି ଯାଇଥାଏ, ଲୋପ ହୋଇ ଯାଇଥାଏ ।

ଏଥିପାଇଁ ଏବେ ତା'ର ନିଜସ୍ୱ ବୋଲି କିଛି ବି ନ ଥାଏ । ସିନ୍ଧୁରେ, ସାଗରରେ ବିଲୀନ ହେଲା ପରେ ଭଲା ସରିତର ନିଜର ଅସ୍ତିତ୍ୱ ହିଁ ରହିଥାଏ କେଉଁଠି ? ପୁଣି ସରିତ ସାଗର ଠାରୁ କାହିଁକି, କିପରି, କେଉଁଥି ପାଇଁ ଆଉ କାହା ପାଇଁ ମାଗିବ ? କିଛି ମାଗିବା ହିଁ ତ ଭଗବାନଙ୍କ ସହିତ ମିଶିବାରେ ସବୁଠାରୁ ବଡ଼ ବାଧା କିଛି ମାଗିବା, କିଛି ଯାଚନା କରିବା, କିଛି ଚାହିଁବା ଯେପର୍ଯ୍ୟନ୍ତ ବାକି ଅଛି- ସେପର୍ଯ୍ୟନ୍ତ ଭଗବାନଙ୍କ ସହିତ ମିଶିବା ସମ୍ଭବ ନୁହେଁ, ସରିତର ସାଗର ସହିତ ମିଳନ ସମ୍ଭବ ନୁହେଁ ।

ଯେପର୍ଯ୍ୟନ୍ତ ସାଧକ ମଧରେ, ଭକ୍ତ ଭିତରେ ଯାଚନା ଅଛି ସେପର୍ଯ୍ୟନ୍ତ ସଂପୂର୍ଣ୍ଣ ସମର୍ପଣ ସମ୍ଭବ ନୁହେଁ ଏବଂ ଯେପର୍ଯ୍ୟନ୍ତ ସଂପୂର୍ଣ୍ଣ ସମର୍ପଣ ହେବ ନାହିଁ ସେପର୍ଯ୍ୟନ୍ତ ପରମାତ୍ମାଙ୍କ ସହିତ ମିଳନ ସମ୍ଭବ ନୁହେଁ । ତେଣୁ ଭଗବାନଙ୍କ ଉପାସନା, ସାଧନା, ଆରାଧନା ଏବଂ ପୂଜା-ପାଠ, ପ୍ରାର୍ଥନା, ଜପ, ତପ, ଧାନ, ସ୍ମରଣ ଆଦି କ୍ରିୟାଗୁଡ଼ିକର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଆମ ମଧରେ କୌଣସି ଇଚ୍ଛା, ଯାଚନା, ମାଗିବା ଆଦିର ଅବଶେଷ ରହି ନ ଯାଉ, କାରଣ ରଶି ଦ୍ୱାରା ବାନ୍ଧି ହେବ କାରଣରୁ ସକାମ ଭକ୍ତ ଭଗବାନଙ୍କ ପାଖରେ ଥିଲେ ମଧ ତାଙ୍କ ମଧରେ ବୁଡ଼ିପାରେ ନାହିଁ, ତାଙ୍କ ପ୍ରେମରେ ବୁଡ଼ି ନିଜର ଅସ୍ତିତ୍ୱକୁ ବିଲୀନ କରିପାରେ ନାହିଁ ।

ସକାମ ଭକ୍ତ ଭଗବାନଙ୍କ ଠାରୁ କିଛି ପାଇବାର ଇଚ୍ଛା ରଖିବା କାରଣରୁ ନିଜର ଅସ୍ତିତ୍ୱକୁ କାଏମ ରଖିବାକୁ ଚାହିଁଥାଏ, ତେଣୁ ସେ ପରମାତ୍ମା ସାଗରରେ ପ୍ରବେଶ କରି ପାରେ ନାହିଁ, ବୁଡ଼ିପାରେ ନାହିଁ, ଲୀନ ହୋଇପାରେ ନାହିଁ । ସେ ପରମାତ୍ମା ସାଗରରେ ସିଧା ଡେଇଁବା ପରିବର୍ତ୍ତେ ସମୁଦ୍ରର କୂଳରେ ବସି ପରମାତ୍ମାଙ୍କ ନିକଟରେ ନିଜର ଦାବି, ଇଚ୍ଛା, କାମନାଗୁଡ଼ିକର ଏକ ଲମ୍ବା ତାଲିକା ରଖିଥାଏ ।

ଏହାର ବିପରୀତ ନିଷ୍କାମ ଭକ୍ତ, ନିଷ୍କାମ ପ୍ରେମୀ, ଭଗବାନଙ୍କ ପ୍ରେମରେ ପାଗଳ ପ୍ରେମୀ ନିଜର ନିୟମିତ ଭଗବଦ୍ ଭକ୍ତି, ଭଗବଦ୍ ଧାନ, ସ୍ମରଣ ଆଦିର ଅଭ୍ୟାସ ଦ୍ୱାରା, ପ୍ରଭାବ ଦ୍ୱାରା ସବୁ ପ୍ରକାରର କାମନା ଓ ବାସନାରୁ ମୁକ୍ତ ହୋଇ ପରମାତ୍ମ ସାଗରରେ ନିଜର ଯେକୌଣସି ପ୍ରକାର ଅସ୍ତିତ୍ୱର ଚିନ୍ତା ନ କରି ସିଧା ଲମ୍ଫ ପ୍ରଦାନ କରିଥାଏ । ଏପରି ନିଷ୍କଳ, ନିର୍ଦ୍ଦୋଷ, ନିଷ୍କାମ ପ୍ରେମୀ ଭକ୍ତକୁ ହିଁ ଭଗବାନ ଶ୍ରୀକୃଷ୍ଣ ନିଜର ଅତିଶୟ ପ୍ରିୟ ସର୍ବଶ୍ରେଷ୍ଠ ଜ୍ଞାନୀଭକ୍ତ କହିଛନ୍ତି - ହେ ଭରତବଂଶୀଙ୍କ ମଧରେ ଶ୍ରେଷ୍ଠ ଅର୍ଜୁନ ! ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ– ଏହି ଚାରି ପ୍ରକାରର ଭକ୍ତ ମୋତେ ଭଜିଥାନ୍ତି । ଦୁଃଖ- ସଂକଟ ନିବାରଣ ପାଇଁ ମୋତେ ଭଜୁଥିବା ଭକ୍ତ ହେଉଛି ଆର୍ତ୍ତଭକ୍ତ । ସାଂସାରିକ ସୁଖ ଭୋଗ ଓ ପଦାର୍ଥଗୁଡ଼ିକୁ ପାଇବାର କାମନା ପୂର୍ବକ ମୋତେ ଭଜୁଥିବା ଭକ୍ତ ହେଉଛି ଅର୍ଥାର୍ଥୀ ଭକ୍ତ । ମୋତେ ଜାଣିବାର ଜିଜ୍ଞାସାରେ ଭଜୁଥିବା ଭକ୍ତ ଜିଜ୍ଞାସୁ ଭକ୍ତ ଅଟେ । ଆର୍ତ୍ତ ଅର୍ଥାର୍ଥୀ ଓ ଜିଜ୍ଞାସୁ- ଏହି ତିନି ପ୍ରକାରର ଭକ୍ତଙ୍କ ଭକ୍ତି କୌଣସି ଇଚ୍ଛା, ଆକାଂକ୍ଷା, କାମନାକୁ ନେଇ ହୋଇଥାଏ ଅର୍ଥାତ୍ ସେମାନଙ୍କ ଭକ୍ତି ସକାମ, କିନ୍ତୁ ଜ୍ଞାନୀଭକ୍ତର କୌଣସି କାମନା ନ ଥାଏ, କୌଣସି ଇଚ୍ଛା ନ ଥାଏ, କୌଣସି ଆକାଂକ୍ଷା ନ ଥାଏ ।

ସେ ନିଷ୍କାମ ଭାବରେ ମୋର (ଈଶ୍ୱରଙ୍କର) ଭକ୍ତି କରିଥାଏ । ଜ୍ଞାନୀଭକ୍ତ ମୋତେ ଛାଡ଼ି ଅନ୍ୟ କିଛି ଚାହିଁ ନ ଥାଏ । ସେ ମୋଠାରୁ ଅଲଗା ହୋଇ ରହିପାରେ ନାହିଁ । ସେହି ସମସ୍ତ ଭକ୍ତଙ୍କ ମଧରେ ମୋଠାରେ ନିତ୍ୟ ଏକୀଭାବରେ ସ୍ଥିତ ଅନନ୍ୟ ପ୍ରେମ ଭକ୍ତି ଯୁକ୍ତ ଜ୍ଞାନୀଭକ୍ତ ଅତି ଉତ୍ତମ ଏବଂ ସେ ମୋର ଅତିଶୟ ପ୍ରିୟ ।

ଭଗବାନ କହିଛନ୍ତି ଯେ ଏମିତିରେ ତ ସବୁ ପ୍ରକାର ଭକ୍ତ ଉଦାର, କିନ୍ତୁ ଜ୍ଞାନୀଭକ୍ତ ସାକ୍ଷାତ୍ ମୋର ସ୍ୱରୂପ, କାରଣ ସେ ମୋ ଭିତରେ ଉତ୍ତମ ରୂପେ ସ୍ଥିତ । ଏହା ମୋର ମତ । ବହୁତ ଜନ୍ମ ପରେ ଅନ୍ତିମ ଜନ୍ମ ରେ ତତ୍ତ୍ୱ ଜ୍ଞାନକୁ ପ୍ରାପ୍ତ ପୁରୁଷ 'ସବୁ କି ବାସୁଦେବ' ଭାବି ମୋତେ ଭଜିଥାଏ । ସେହି ମହାତ୍ମା ଅତ୍ୟନ୍ତ ଦୁର୍ଲଭ ।

ଏହି ପ୍ରକାର ଭଗବାନ ଜ୍ଞାନୀଭକ୍ତ ଅର୍ଥାତ୍ ନିଷ୍କାମ, ନିଷ୍ପାପ, ନିଶ୍ଛଳ, ନିଷ୍କପଟ, ନିର୍ବୋଧ ଭକ୍ତକୁ ସର୍ବଶ୍ରେଷ୍ଠ, ଅତି ଉତ୍ତମ, ଅତିଶୟ ପ୍ରିୟ, ଅତ୍ୟନ୍ତ ଦୁର୍ଲଭ ଓ ନିଜର ଆତ୍ମା କହିଛନ୍ତି । ଏପରି ନିଷ୍କାମ, ଜ୍ଞାନୀଭକ୍ତର ଯୋଗକ୍ଷେମର ବହନ ଭଗବାନ ସ୍ୱୟଂ କରିଥାନ୍ତି । ଏପରି ନିଷ୍କାମ ପ୍ରେମୀଭକ୍ତର ପ୍ରେମପୂର୍ବକ ଅର୍ପଣ କରାଯାଇଥିବା ପତ୍ର, ପୁଷ୍ପାଦି ସର୍ବବ୍ୟାପୀ ବ୍ରହ୍ମ, ପରମାତ୍ମା ପ୍ରୀତି ପୂର୍ବକ ଗ୍ରହଣ କରିଥାନ୍ତି । ନିଷ୍କାମ ପ୍ରେମୀଭକ୍ତ ସଂସାରରେ ଯାହା ବି କର୍ମ କରିଥାଏ, ସେହି ସବୁ କର୍ମ ଭଗବାନଙ୍କୁ ହିଁ ଅର୍ପଣ ହୋଇଯାଏ । ଫଳସ୍ୱରୂପ ନିଷ୍କାମ ଭକ୍ତ ସବୁ ପ୍ରକାର କର୍ମର କର୍ମ-ବନ୍ଧନରୁ, କର୍ମ-ସଂସ୍କାରରୁ ମୁକ୍ତ ହୋଇ ନିଃସନ୍ଦେହ ଭଗବାନଙ୍କୁ ହିଁ ପ୍ରାପ୍ତ ହୋଇଥାଏ । ଏପରି ନିର୍ମଳ ମନ ନିଷ୍କାମ, ନିଶ୍ଛଳ ଭକ୍ତ ପାଇଁ ହିଁ ଭଗବାନ ଶ୍ରୀରାମ କହିଛନ୍ତି- ନିର୍ମଳ ମନ ଜନ ସୋ ମୋହି ପାୱା । ମୋହି କପଟ ଛଳ ଛିଦ୍ର ନ ଭାୱା । ଅର୍ଥାତ୍ ଯେଉଁ ମନୁଷ୍ୟର ମନ ନିର୍ମଳ ହୋଇଥାଏ, ମୁଁ ମୋତେ ପ୍ରାପ୍ତ କରିଥାଏ, କାରଣ ମୋତେ କପଟ ଓ ଛଳ–ଛିଦ୍ର ଭଲ ଲାଗେ ନାହିଁ ।

ଏହି ପ୍ରକାର ଆମେ ଦେଖୁ ଯେ ନିଷ୍କାମ ପ୍ରେମ, ନିଷ୍କାମ ଭକ୍ତିର ବଡ଼ ଅଦ୍ଭୁତ ମହିମା ରହିଛି । ନିଷ୍କାମ ଭକ୍ତି ହିଁ ଭକ୍ତକୁ ବିବଶ କରିଥାଏ ଯେ ତାକୁ ଭଗବାନଙ୍କ ଠାରୁ କମ୍ କିଛି ବି ପସନ୍ଦ ନୁହେଁ । ନିଷ୍କାମ ଭକ୍ତ ଭଗବାନଙ୍କୁ ବିବଶ କରିଥାଏ ଏବଂ ଭଗବାନଙ୍କୁ ଭକ୍ତ ନିକଟକୁ ଟାଣି ଆଣିଥାଏ । ଭକ୍ତକୁ ଆଲିଙ୍ଗନ କରିବାକୁ, ତାକୁ ସମ୍ଭାଳିବାକୁ, ତାକୁ ପାଳିବାକୁ, ତାକୁ ଗେଲ କରିବାକୁ, ତାକୁ ଚୁମା ଦେବାକୁ, ତାକୁ ଆଦର କରିବାକୁ, ତାକୁ ନିଜ ବାହୁରେ ଭିଡ଼ି ଧରିବାକୁ ଭକ୍ତି ଭଗବାନଙ୍କୁ ବିବଶ କରିଦିଏ, ବାଧ କରିଦିଏ ।

ସୁର, ତୁଳସୀ, ମୀରା, ଧ୍ରୁବ, ପ୍ରହ୍ଲାଦ, ନାମଦେବ, ତୁକାରାମ, ଏକନାଥ, ରାମକୃଷ୍ଣ ପରମହଂସ ଆଦି ଭକ୍ତମାନଙ୍କର ନିଷ୍କାମ ଭକ୍ତି, ନିଷ୍ପାପ ପ୍ରେମ ହିଁ ସେମାନଙ୍କୁ ସମ୍ଭାଳିବାକୁ, ଆଦର କରିବାକୁ, ଗେଲ କରିବାକୁ ଓ ନିଜ କୋଳରେ ବସାଇବାକୁ ଭଗବାନଙ୍କୁ ବିବଶ କରି ଦେଇଥିଲା, ବାଧ କରି ଦେଇଥିଲା ।

ନିଷ୍କାମ ଭକ୍ତିର ସାଧକ ଜୀବନର ପ୍ରତ୍ୟେକ କାର୍ଯ୍ୟରେ ମଧ ଭଗବତ୍ ପୂଜା ହିଁ କରିଥାଏ । କାରଣ ସେ ପ୍ରତ୍ୟେକ କର୍ମକୁ ହିଁ ଭଗବାନଙ୍କ ପ୍ରେମରେ, ଚିନ୍ତନରେ ବୁଡ଼ି ଭଗବାନଙ୍କ ପାଇଁ ହିଁ କରିଥାଏ । ସେ କ୍ଷଣିକ ପାଇଁ ବି ଭଗବତ୍ ପ୍ରେମରୁ, ଭଗବତ୍ ଚିନ୍ତନରୁ ଅଲଗା ହୋଇ ନଥାଏ ।

ଏହି ପ୍ରକାର ସେ ପ୍ରତ୍ୟେକ ମୁହୂର୍ତ୍ତରେ କିଛି କର୍ମ କରୁଥିଲେ ମଧ ଭଗବାନଙ୍କର ହିଁ ପୂଜା କରିଥାଏ । ତା'ର ସଂସାରରେ ବଞ୍ଚି ରହିବା ମଧ

କେବଳ ଭଗବାନଙ୍କ ପାଇଁ ହୋଇଥାଏ । ତା'ର ନିଜର କୌଣସି ଇଚ୍ଛା ନ ଥାଏ, ଆକାଂକ୍ଷା ନ ଥାଏ, ବାସନା ନ ଥାଏ ।

ଋଦ୍ଧି-ସିଦ୍ଧି, ମୁକ୍ତି, ନିର୍ବାଣ ଆଦି କୌଣସି ବି ଇଚ୍ଛା, ଆକାଂକ୍ଷା ନ ଥାଏ, ବରଂ ଏକମାତ୍ର ଭଗବାନଙ୍କ ଇଚ୍ଛା ପୂର୍ତ୍ତି ହିଁ ତା' ଭକ୍ତିର, ତା' ସାଧନାର ଧେୟ ହୋଇଥାଏ । ତା'ର ହୃଦୟ ଭଗବାନଙ୍କ ମଧୁର ପ୍ରେମରେ ଏତେ ଭରି ରହିଥାଏ, ତା'ର ହୃଦୟ ଭଗବାନଙ୍କ ଦ୍ୱାରା ଏତେ ପୂରି ରହିଥାଏ ଯେ ସର୍ବଦା ସେ ଭଗବାନଙ୍କ ମଧରେ ଓ ଭଗବାନ ତା' ଭିତରେ ସମାହିତ ଥାଆନ୍ତି । ସେ ତ ସ୍ୱୟଂକୁ ଭଗବାନଙ୍କ ଉପକରଣ ମାତ୍ର, ଯନ୍ତ୍ର ମାତ୍ର ମାନି କର୍ମ କରିଥାଏ, ପୂଜା କରିଥାଏ ।

ତେଣୁ ସେ ସ୍ୱୟଂର ଇସାରାରେ ନୁହେଁ, ବରଂ ସର୍ବଦା ଭଗବାନଙ୍କ ଇସାରାରେ ହିଁ ଚାଲିଥାଏ । ତା'ର ଶୋଇବା, ଜାଗିବା, ହସିବା, କାନ୍ଦିବା, କହିବା, କରିବା ଆଦି ସବୁ କିଛି ଭଗବାନଙ୍କର ଓ ଭଗବାନଙ୍କ ପାଇଁ ହୋଇଥାଏ । ସେ ଦେହ ରୂପୀ ଦେବାଳୟରେ ବସିଥାଉ, ଦେବାଳୟରେ ବସିଥାଉ ଅଥବା ଯେଉଁଠାରେ ବି ବସିଥାଉ ସର୍ବଦା ଦେବାଳୟରେ ହିଁ ଥାଏ । କାରଣ ସେ ବିଶ୍ୱ–ବ୍ରହ୍ମାଣ୍ଡର କଣ କଣରେ, ଚତୁର୍ଦ୍ଦିଗରେ, ପ୍ରତ୍ୟେକ ଜାଗାରେ ପରବ୍ରହ୍ମଙ୍କୁ ହିଁ ଅଭିବ୍ୟକ୍ତ ହୋଇଥିବାର ଅନୁଭବ କରିଥାଏ ଏବଂ ଏଥିପାଇଁ ସେ ପ୍ରତ୍ୟେକ କ୍ଷଣ ? ପ୍ରତିମ, ଅନୁପମ, ଅଦ୍ୱିତୀୟ, ଆନନ୍ଦର ଅନୁଭବ କରିଥାଏ ।

## ଆଜିର ଚିନ୍ତନ

**ମ**ଣିଷ ଏବେ ବି ନୀତି ନୈତିକତା, ମୂଲ୍ୟବୋଧ ଓ ମଣିଷପଣିଆକୁ ଜଳାଞ୍ଜଳି ଦେଇ ସାରାଜୀବନ ଧନସମ୍ପତ୍ତି ଗୋଟେଇବାରେ ଲାଗିଛନ୍ତି । ବଡ଼ ବିଚିତ୍ର ଏ ମଣିଷର ପ୍ରକୃତି । ଘରଦ୍ୱାର, କୋଠାବାଡ଼ି, ଅଭ୍ରଭେଦୀ ଅଟ୍ଟାଳିକା ପଛରେ ଧାଇଁ ଧାଇଁ ଜୀବନର ଅମୂଲ୍ୟ ସମ୍ପଦ 'ସ୍ୱାସ୍ଥ୍ୟ'କୁ ହଜେଇ ଦିଅନ୍ତି । ପୁଣି ସେହି ସ୍ୱାସ୍ଥ୍ୟକୁ ଫେରି ପାଇବା ପାଇଁ ଡାକ୍ତର ଦୁଆରେ ଯାଇ ଭିକମାଗନ୍ତି । ଏଠି ଆସେ ଯେତେ, ଯାଏ ସେତେ । ଅଥଚ ନିର୍ବୋଧମଣିଷ ଏକ ଅସରନ୍ତି ଶୋଷ ପଛରେ ଧାଇଁଥାଏ । ଇଏ କେଉଁ ପ୍ରକାର ଗଣିତ ? ରାତି ସରିଯାଏ ପଛେ ସ୍ୱପ୍ନ ସରେନା । ବାଟ ସରିଯାଏ ସିନା ହାଟ ସରେନା । ଏଠି ଜୀବନର ଅନ୍ୟନାମ 'ବସ୍ତୁପ୍ରୀତି ବା 'ବସ୍ତୁରତି' । ଏକବିଂଶ ଶତାବ୍ଦୀର ମଣିଷ ଏବେ ଗୋଟିଏ ବସ୍ତୁରେ ପରିଣତ ହୋଇଯାଇଛି । ସେଇଥିପାଇଁ ସମସ୍ତ ଭୌତିକ ବିକାଶ ସତ୍ତ୍ୱେ ମଣିଷ ଆଜି ଖୁବ୍ ନିଃସ, ଖୁବ୍ ନିଃସଙ୍ଗ । ପାଖରେ ଜୀବନ ବିତାଇବା ପାଇଁ ସକଳ ସୁଖ-ସାଧନ ଅଛି, ମାତ୍ର ଶାନ୍ତି ସୁଦୂର ପରାହତ । ଚାରିପାଖରେ ପର୍ଯ୍ୟାପ୍ତ ଭୋଜନ ସାମଗ୍ରୀ ଅଛି, କିନ୍ତୁ ପେଟରେ ଭୋକ ନାହିଁ । ବିଳାସମୟ ପ୍ରାସାଦ ଅଛି, କିନ୍ତୁ ସୁନିଦ୍ରା ନାହିଁ । ପରିପୂର୍ଣ୍ଣ ପରିବାର ଅଛି, କିନ୍ତୁ ପ୍ରସନ୍ନତା ନାହିଁ । ଫେସ୍‌ବୁକ୍‌ରେ ଅସଂଖ୍ୟ ବନ୍ଧୁ, ଦୁଃଖ ଶୁଣିବାକୁ ଜଣେ ବି ନାହିଁ । ସୁଖ ମରୀଚିକା ପଛରେ ଧାଇଁ ଧାଇଁ ମଣିଷ ଆଜି ଖୁବ୍ ଦୁଃଖୀ । ସକାଳୁ ସଞ୍ଜଯାଏ ଟଲ୍‌ଷ୍ଟୟଙ୍କ ଗଳ୍ପର ନାୟକ 'ପାହୋମ୍' ଭଳି ଗଳଦଘର୍ମ ହୋଇ ଖାଲି ଧାଉଁଛି ଆଉ ଧାଉଁଛି । ଏମିତି ଧାଁ ଦଉଡ଼ର ଅର୍ଥ କ'ଣ ଜୀବନ ?

କିଏ ଜଣେ କହିଥିଲେ– 'ମନ୍ଦିର ଏକ ଅଦ୍ଭୁତ ସ୍ଥାନ, ଯେଉଁଠି ଗରିବ ବାହାରେ ଭିକମାଗେ ଆଉ ଧନୀ ଭିତରେ ଭିକମାଗେ । ପ୍ରକାରାନ୍ତରେ ଏଠି ସମସ୍ତେ ଭିକାରି ।'' କେଉଁଦିନ ଏ ନିଃସ୍ୱମଣିଷ ବୁଝିବ ଯେ, ଟଙ୍କା 'ଘର' କିଣିପାରେ ହେଲେ ପରିବାର ନୁହେଁ, ଟଙ୍କା 'ଦାମିକା ଘଣ୍ଟା' କିଣିପାରେ ହେଲେ 'ସମୟ' ନୁହେଁ, ଟଙ୍କା 'ତୁଳିତଳ୍ପ ଶଯ୍ୟା' କିଣିପାରେ ହେଲେ 'ସୁନିଦ୍ରା' ନୁହେଁ, ଟଙ୍କା 'ବହି କିଣିପାରେ ହେଲେ 'ଜ୍ଞାନ' ନୁହେଁ, ଟଙ୍କା 'ବନ୍ଧୁ' କିଣିପାରେ ହେଲେ 'ବନ୍ଧୁତା' ନୁହେଁ । ଦୁନିଆରେ କେବଳ ଭାଗ୍ୟବାନ ସେହି – ଯାହା ପାଖରେ 'ଭୋଜନ' ସହିତ 'ଭୋକ ଅଛି । 'ଶଯ୍ୟା' ସହିତ 'ନିଦ୍ରା' ଅଛି । ଆଉ 'ଧନ' ସହିତ 'ଧର୍ମ' ବି ଅଛି । ସମୁଦ୍ରକୂଳରେ କ'ଣ ଶାମୁକାର ଅଭାବ ଥାଏ ନା' ପୃଥିବୀ ପୃଷ୍ଠରେ ମଣିଷର ? ବାସ୍ ଫରକ କେବଳ ଏତିକି ଯେ କିଛି ଶାମୁକା ଭିତରେ ମୋତି ଥାଏ, ଆଉ କିଛି ମଣିଷଙ୍କ ପାଖରେ ହୃଦୟ । ବାକିସବୁ ମଣିଷ ସେଇ ମିଛ ଖୋଳପାଧାରୀ ଶାମୁକା ସଦୃଶ । ନିଶ୍ଚୟ ଆପଣଙ୍କର । ଆପଣ ହୃଦୟବାନ ମଣିଷଟିଏ ହେବେ ନା ଶୂନ୍ୟ ଶାମୁକାଟି ହେବେ । କିନ୍ତୁ ଏ କଥା ସତ୍ୟ ଯେ ଆପଣ ଯାହା ବାଣ୍ଟିବେ ତାହା ଆପଣଙ୍କ ପାଖରେ ବେଶି ହେବ । ତାହା ଧନ ହେଉ କିମ୍ବା ସମ୍ମାନ, ଭୋଜନ ହେଉ କିମ୍ବା ଅପମାନ, ଘୃଣା ହେଉ କିମ୍ବା ପ୍ରେମ । ଦି' ଦିନର ଏ ଜୀବନ ! ମରୀଚିକା ପଛରେ ଧାଇଁବା ଅର୍ଥହୀନ । ପାରୁଛ ଯଦି ପ୍ରେମ ବାଣ୍ଟି ଚାଲ । ଲୋକଙ୍କ ହୃଦୟ କିଣ । କାରଣ ମଶାଣିକୁ ତୁମେ ଅର୍ଜିଥିବା ଚାରିକୋଟି ନୁହେଁ, ମାତ୍ର ଚାରିଜଣ ତୁମକୁ ଛାଡ଼ିବାକୁ ଯିବେ ।

# ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବିଟ୍

**ସ୍ୱାସ୍ଥ୍ୟ** ପାଇଁ ବେଶ୍ ଲାଭଦାୟକ ବିଟ୍ । ଏଥିରେ ଯଥେଷ୍ଟ କାର୍ବୋହାଇଡ୍ରେଟ୍ ଥିବା ବେଳେ ପ୍ରୋଟିନ୍ କମ୍ ମାତ୍ରାରେ ଥାଏ । ପନିପରିବାର ଜୁସ୍ ମଧରେ ଏହାର ଜୁସ୍ ବେଶ ସ୍ୱାଦଯୁକ୍ତ । ଏହା ପ୍ରାକୃତିକ ଶର୍କରାରେ ଭରପୂର ।

ରକ୍ତ ଶର୍କରାର ସ୍ତରକୁ ହ୍ରାସ କରିଥାଏ ବିଟ୍ । ଏଥିରେ ରହିଛି ନାଇଟ୍ରେଟ୍ସ । ଏହାକୁ ଖାଇବା ଦ୍ୱାରା ଏହା ଆଉ ଏକ ନାଇଟ୍ରିକ୍ ଅକ୍ସାଇଡରେ ପରିବର୍ତ୍ତିତ ହୋଇଯାଏ । ଏହି ଦୁଇ ତତ୍ତ୍ୱ ଧମନୀକୁ ପ୍ରସାରିତ କରିବା ସହ ରକ୍ତଚାପକୁ କମ୍ କରିବାରେ ସହାୟକ ହୋଇଥାଏ । ଗବେଷକଙ୍କ ମତରେ ଦୈନିକ ବିଟ୍ ଖାଇବା ଦ୍ୱାରା ଛ' ଘଣ୍ଟାରେ ବ୍ୟକ୍ତିର ରକ୍ତଚାପ ହ୍ରାସ ପାଏ । ଏହା ଖରାପ କୋଲେଷ୍ଟରଲକୁ ହ୍ରାସ କରିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର୍, ଫ୍ଲେବୋନଏଡସ ଏବଂ



ବିଟାସା ଏନିନ୍ ଉପଲବ୍ଧ । ଏହାକୁ ମଧ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଭାବେ ବିବେଚନା କରାଯାଏ । ବିଟ୍ ହୃଦରୋଗର ସମ୍ଭାବନାକୁ ହ୍ରାସ କରେ ।

ବିଟରେ ଫୋଲିକ୍ ଏସିଡ୍ ଭରପୂର ମାତ୍ରାରେ ରହିଛି । ଗର୍ଭବତୀ ମହିଳା ଏବଂ ତା'ର ଗର୍ଭସ୍ଥ ଶିଶୁ ପ୍ରତି ଏହି ପୋଷକ ତତ୍ତ୍ୱର ଅନେକ ଆବଶ୍ୟକତା ରହିଛି । ଗର୍ଭବତୀ ମହିଳାଙ୍କ ଆନ୍ତଃଶକ୍ତିର ବିକାଶ ଏବଂ ଗର୍ଭସ୍ଥ ଶିଶୁର ମେରୁଦଣ୍ଡ ତିଆରିରେ ଏହା ସହାୟକ କରିଥାଏ । ଏଥିରେ ଥିବା ମିନେରାଲ 'ସିଲିକା' କ୍ୟାଲସିୟମ୍‌କୁ ଶରୀର ଉପଯୋଗୀ କରାଇଥାଏ । ଦାନ୍ତ ଏବଂ ହାଡ଼କୁ ମଜଭୂତ କରିବା ପାଇଁ କ୍ୟାଲସିୟମ୍‌ର ଆବଶ୍ୟକତା କଥା ସମସ୍ତେ ଜାଣନ୍ତି । ତେଣୁ ପ୍ରତିଦିନ ଗୋଟିଏ ଗ୍ଲାସ ବିଟ୍ ରସ ପିଇବା ଦ୍ୱାରା ଅଷ୍ଟିଓପୋରୋସିସ୍ ଏବଂ ଅନ୍ୟାନ୍ୟ ଅସ୍ଥିଜନିତ ସମସ୍ୟାରୁ ରକ୍ଷା ମିଳେ ।

ବର୍ଷ ୨୭, ସଂଖ୍ୟା- ୨୧, ୨୧ - ୨୭ ମଇ ୨୦୨୩

# ହୃଜି ଯିବକି ଯୌଥ ପରିବାର ?

**ଦୁଃ**ଖ ହେଉ ଅବା ସୁଖ, ସବୁର ମହନୀୟତାକୁ ଅନୁଭବ କରିହୁଏ କେବଳ ପରିବାର ଗହଣରେ । ଯିଏ ଏକୁଟିଆ ହୋଇଯାଏ, ସେ ହିଁ ଅନୁଭବ କରିପାରେ ପରିବାର ନଥିବାର ଅଭାବବୋଧ । ଉତ୍ତମ ସଂପର୍କ ମଧ୍ୟରେ ପରିବାର ସହିତ ମିଶି ରହିବା ବ୍ୟକ୍ତିର ଶକ୍ତି ସାମର୍ଥ୍ୟ ଓ ଆତ୍ମବିଶ୍ୱାସକୁ ବଢ଼ାଇବାରେ ସହାୟକ ହୋଇଥାଏ । ଅପରପକ୍ଷେ ପରିବାରର ଅଭାବ ବ୍ୟକ୍ତିର ମନୋବଳକୁ ଦୁର୍ବଳ କରି ନୈରାଶ୍ୟ ଭାବ ଉଦ୍ରେକ କରାଏ । ପରିବାର ମଧ୍ୟରେ ସମସ୍ତଙ୍କ ଉପସ୍ଥିତି ସୁଖ ସମୟର ଖୁସିକୁ ଦ୍ୱିଗୁଣିତ କରୁଥିବା ବେଳେ ଦୁଃଖ ସମୟର କଷ୍ଟକୁ ଯଥେଷ୍ଟ ଲାଘବ କରିପାରେ । ଗୋଟିଏ ଛାତତଳେ ରହୁଥିବା ମଣିଷମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ପ୍ରେମ,ଦାୟିତ୍ୱବୋଧତା ସହ ପରସ୍ପର ପ୍ରତି ସମ୍ମାନ ରହିବା ହିଁ ପରିବାରର ମୌଳିକତାକୁ ଦର୍ଶାଇଥାଏ ।

ଭାରତୀୟ ସଂସ୍କୃତିରେ ସାଧାରଣତଃ ଦୁଇ ପ୍ରକାର ପରିବାର ରହିଆସିଛି । ପିତାମାତା ଏବଂ ସେମାନଙ୍କ ନିର୍ଦ୍ଦିଷ୍ଟ ସନ୍ତାନସନ୍ତତିଙ୍କୁ ନେଇ ଗଢ଼ି ଉଠିଥିବା ଛୋଟ ପରିବାରକୁ ଏକାନ୍ନବର୍ତ୍ତୀ ପରିବାର ଏବଂ ପିତାମାତା, ପୁଅଝିଅ, କାକା ଖୁଡ଼ି, ଦିଅର ନଣନ୍ଦ, ଶାଶୁବୋହୂ, ଦେଢ଼ଶୂର ଯାଆ, ଜେଜେ ଜେଜେମାଆ,ନାତିନାତୁଣୀ ଆଦି ଅନ୍ୟୁନ ତିନି ପିଢ଼ିର ସମାହାରରେ ଗଠିତ ପରିବାରକୁ ଯୌଥ ପରିବାର କୁହାଯାଇଥାଏ । ପ୍ରତିଯୋଗିତାପୂର୍ଣ୍ଣ ସ୍ୱାର୍ଥକେନ୍ଦ୍ରୀକ ଜୀବନଶୈଳୀ ପାଇଁ ଏବେ ଅନେକାଂଶରେ ଯୌଥ ପରିବାର ସବୁ ଭାଙ୍ଗି ହୁଡ଼ି ଏକାନ୍ନବର୍ତ୍ତୀ ପରିବାରରେ ପରିଣତ ହୋଇଯାଇଛି । କିନ୍ତୁ ପ୍ରାଚୀନକାଳରୁ ଯୌଥ ପରିବାରର ବିଶେଷତ୍ୱ ଏବଂ ମହତ୍ୱକୁ ସୁସ୍ଥ ସମାଜ ଗଠନର ବଳିଷ୍ଠ ଆଧାର ଭାବରେ ସ୍ୱୀକାର କରାଯାଇ ଆସୁଛି ।

ଯୌଥ ପରିବାରର ମହତ୍ୱ ବିଷୟରେ ଯଦି ଦୃଷ୍ଟିଗୋଚର କରିବା ତେବେ ଏହି ସାମାଜିକ ଅନୁଷ୍ଠାନ ଅନେକ ସଂପର୍କକୁ ଗୋଟିଏ ଧାରାରେ ବାନ୍ଧି ରଖିଥାଏ । ଯୌଥ ପରିବାରର ପିଲାମାନେ ଛୋଟ ସମୟରୁ ବିଭିନ୍ନ ସଂପର୍କକୁ ବୁଝିବା ସହ ଭିନ୍ନ ଭିନ୍ନ ବୟସର ଅନୁଭବୀ ସଦସ୍ୟଙ୍କ ଠାରୁ ମାର୍ଗଦର୍ଶନ ପାଇପାରନ୍ତି ।ପରସ୍ପର ପ୍ରତି ସହଯୋଗ ଏବଂ ସମ୍ମାନ ମନୋଭାବର ଜାଗରଣ ଏହି ପରିବାରରୁ ଆରମ୍ଭ ହୋଇଥାଏ । ଯାହା ପରବର୍ତ୍ତୀ ସମୟରେ ସମାଜ ସଂସ୍କାରରେ ଏହି ପରିବାରର ବ୍ୟକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରନ୍ତି । ଯୌଥ ପରିବାର ମାନଙ୍କରେ ଏକାଧିକ ଉପାର୍ଜନକ୍ଷମ ସଦସ୍ୟ ରହୁଥିବାରୁ କୌଣସି ଜଣେ ସଦସ୍ୟଙ୍କ ଉପରେ ମାତ୍ରାଧିକ ଆର୍ଥିକ ବୋଝ ପଡ଼େନାହିଁ । ସେହିଭଳି ଭାଗବଣ୍ଟା କରି ସମସ୍ତେ ସବୁ କାମ କରି ନେଉଥିବାରୁ ଘରର ଯେକୌଣସି କାର୍ଯ୍ୟ ସମ୍ପାଦନ ସହଜ ହୋଇଥାଏ । ଯୌଥ ପରିବାରର ସଦସ୍ୟ ମାନେ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟିନେବା ଅନେକାଂଶରେ ମାନସିକ ଚାପକୁ ଲାଘବ କରିଦିଏ । ସର୍ବୋପରି ଯୌଥ ପରିବାର ଏକ ନିର୍ଦ୍ଦିଷ୍ଟ ଅନୁଶାସନ ଭିତରେ ଚାଲୁଥିବାରୁ ଏହା ପରିବାର ସଦସ୍ୟଙ୍କ ସହଜ, ସରଳ ଜୀବନ ନିର୍ବାହର ପରିଚାୟକ ହୋଇପାରେ । ଭାରତୀୟ ସଂସ୍କୃତିରେ ଯୌଥ ପରିବାରର ପରମ୍ପରା ବେଶ ପ୍ରାଚୀନ । ସଂପ୍ରତି ଆଧୁନିକତାର ପ୍ରଭାବ ଓ ପାଶ୍ଚାତ୍ୟ ସଂସ୍କୃତିର ଅନୁପ୍ରବେଶ ଯୋଗୁଁ ଯଦିଓ ଧୀରେଧୀରେ ଯୌଥ ପରିବାର ପୂର୍ବ ଅପେକ୍ଷା ତାର ସତ୍ତା ହରାଇବାରେ ଲାଗିଛି ତଥାପି ଗତ କରୋନା ମହାମାରୀର ବେଦନାସିକ୍ତ ସମୟ ଆମର ଏହି ପ୍ରାଚୀନ ସଂସ୍କୃତି ଆଡ଼କୁ ପୁଣି ମୁହାଁଇବାର ରାସ୍ତା ଉନ୍ମୋଚନ କରିଦେଇଛି । ଏହି ଦୂର୍ଭାଗ୍ୟପୂର୍ଣ୍ଣ ସମୟକୁ ଧୈର୍ଯ୍ୟର ସହିତ ସାମନା କରିବାର ସାହସ ଅନେକଙ୍କୁ ଏହି ଯୌଥ ପରିବାର ଦେଇଛି । ଆମେ କେମିତି ଭୁଲିବୁ ଯେ, କରୋନା ଆକ୍ରାନ୍ତ ପରିବାର ଭୀଷଣ ପରିସ୍ଥିତି ମଧ୍ୟରେ ମାନସିକ ଯନ୍ତ୍ରଣା ଭୋଗୁଥିବା ବେଳେ ଯୌଥ ପରିବାରର ଉପସ୍ଥିତି ଅନେକଙ୍କ ଆତ୍ମବିଶ୍ୱାସକୁ ବଢ଼େଇଛି । ଏଭଳି ଅସମୟରେ ଏକାଠି ରହିବା ହିଁ ଜୀବନର ରାହାକୁ ମଧୁର ଓ ପ୍ରାଣବନ୍ତ କରିଥାଏ ।

ଯୌଥ ପରିବାରରେ ପରସ୍ପର ପ୍ରତି ତ୍ୟାଗ ଓ ସହନଶୀଳତା ଆଗାମୀ ପିଢ଼ିକୁ ଚରିତ୍ରବାନ ଓ ହୃଦୟସମ୍ପନ୍ନ କରି ଗଢ଼ିଥିଲା । ପରସ୍ପର ପ୍ରତି ଭଲପାଇବା ଏବଂ ଆନୁଗତ୍ୟ ପ୍ରକାଶ ପରିବାରର ସାନ ସଦସ୍ୟମାନଙ୍କୁ ନୂଆ ରାହା ଓ ବୟସର ଅପରାହ୍ନରେ ବେସାହାରା ବ୍ୟକ୍ତିଙ୍କୁ ସାହାରା ମିଳିଯାଇଥାଏ । କିନ୍ତୁ ଯୌଥ ପରିବାର କେବଳ ଏକ ଛାତ ଆଧାରିତ ନ ହୋଇ ଏକ ମନ, ଏକ ଲୟ ଏକ ଭାବ ଓ ଏକ ବି ପ୍ରାଣ ହେବା ସବୁଠାରୁ ମହତ୍ୱପୂର୍ଣ୍ଣ ହେବ ।

# ସୀମାଗୁଡ଼ିକ ବିଷୟରେ ସଜ୍ଞାନତା

**ମହାତ୍ମା ଗାନ୍ଧୀ**



**ମୁଁ** ନିଜକୁ ଜଣେ ଦୂରଦର୍ଶୀ କର୍ମୀ ବୋଲି ବିଚାର କରିଥାଏ, ମୋର ସୀମାବଦ୍ଧତା ଗୁଡ଼ିକୁ ଯେ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିପାରେ, ମୋର ଦୂରଦର୍ଶିତା କହିଲେ କେବଳ ସେଗୁଡ଼ିକୁ ହିଁ ବୁଝାଏ । ମୁଁ ଆଶାକରୁଛି ଯେ, ମୁଁ କେବେହେଲେ ମୋର ସେହି ସୀମାଗୁଡ଼ିକୁ ଡେଇଁ ସେପାଖକୁ ଚାଲିଯାଏ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ମୁଁ ସଚେତନଭାବରେ କଦାପି ସେପରି କରିନାହିଁ ।

ନିଜର ସୀମାବଦ୍ଧତା ଗୁଡ଼ିକ ବିଷୟରେ ମୁଁ ସଚେତନ ରହିଥାଏ । ସେହି ସଚେତନତା ହେଉଛି ମୋର ଏକମାତ୍ର ବଳ । ମୋ' ଜୀବନରେ ମୁଁ ହୁଏତ ଯାହାକିଛି କରିପାରିଛି, ଆଉ ସବୁକିଛି ତୁଳନାରେ ମୋ ସୀମାଗୁଡ଼ିକର ଯଥାର୍ଥ ଉପଲବ୍ଧିରୁ ହିଁ ତାହା ଅଧିକ ପରିମାଣରେ ସମ୍ଭବ ହୋଇଛି ।

ମୁଁ ଯାହା ହେବାକୁ ଇଚ୍ଛା କରୁଛି, ଯଦି ମୁଁ ସେଇଆ ହୋଇଥାନ୍ତି, ତେବେ ଏହି ଉପବାସର କୌଣସି ପ୍ରୟୋଜନ ଆଦୌ ନଥାନ୍ତା । ତେବେ ମୋତେ ଆଉ କାହାକୁ ତର୍କ କରି କିଛି ବୁଝାଇବାକୁ ବି ପଡ଼ନ୍ତାନାହିଁ । ମୋର ଶବ୍ଦଗୁଡ଼ିକ ସିଧା ଯଥାର୍ଥ ସ୍ଥାନରେ ଯାଇ ପହଞ୍ଚି ପାରୁଥାନ୍ତେ । ବସ୍ତୁତଃ, ମୋତେ କୌଣସି କଥା ହିଁ କହିବାକୁ ପଡନ୍ତା ନାହିଁ । ମୁଁ ଇଚ୍ଛା ପ୍ରକାଶ କରିବା ମାତ୍ରକେ ଆବଶ୍ୟକ ଫଳଟି ଫଳିଯାଉଥାନ୍ତା । ମାତ୍ର ମୁଁ ଅତ୍ୟନ୍ତ ଦୁଃଖର ସହିତ ମୋର ସୀମାଗୁଡ଼ିକ ବିଷୟରେ ସର୍ବଦା ସଜ୍ଞାନ ରହିଥାଏ ।

ଲୋକମାନେ ଯେତେଥର ଭୁଲ କରିବେ, ମୁଁ ସେଗୁଡ଼ିକ ଅବଶ୍ୟ ସ୍ୱୀକାର କରିବାରେ ଲାଗିଥିବି । ଭିତରେ ଯେଉଁ 'କ୍ଷୁଦ୍ର ଆବାଜ'ଟି ରହିଛି, ଏହି ପୃଥିବୀରେ ମୁଁ ସେହି ଏକମାତ୍ର ଶାସକର ଶାସନକୁ ମାନିନେଇଥାଏ । ଏପରିକି, ମୋ' ପକ୍ଷରେ କେବଳ ମୋ' ବ୍ୟତୀତ ଆଉ କେହି ନଥିଲେ ମଧ, ମୁଁ ନିଶ୍ଚିତ ଭାବେ ସ୍ୱୀକାର କରୁଛି ଯେ, ଏହିପରି ଏକ ନିରାଶାଜନକ ସଂଖ୍ୟାଲଘୁ ପକ୍ଷରେ ଅନ୍ତର୍ଭୁକ୍ତ ହୋଇ ରହିବାଲାଗି ମୋର ତଥାପି ସାହସ ରହିଛି ।

ମୁଁ ଦାବି କରୁଛି ଯେ, ମୁଁ ବେଶ ନିର୍ଭୁଲ ଭାବରେ ମାନବର ପ୍ରକୃତିକୁ ଅଧ୍ୟୟନ କରିପାରେ ଏବଂ ମୋ' ନିଜର ବିଫଳତାଗୁଡ଼ିକୁ ମଧ ବ୍ୟବଚ୍ଛେଦକରି ଦେଖିପାରେ । ମୁଁ ଏହି ସତ୍ୟଟିକୁ ଆବିଷ୍କାର କରିଛି ଯେ, ମନୁଷ୍ୟ ଯେଉଁ ବ୍ୟବସ୍ଥାଟିର ପ୍ରଚାର କରୁଥାଏ, ସେ ନିଜେ ତାହାଠାରୁ ସର୍ବଦା ଉଚ୍ଚତର ସ୍ତରରେ ରହିଥାଏ ।

ମୁଁ ଭାବୁଛି, ମୋ' ଭିତରେ କୌଣସି ଗର୍ବ ନାହିଁ । ମୁଁ ଅନୁଭବ କରୁଛି ଯେ, ମୋର ଦୁର୍ବଳତାକୁ ମୁଁ ସମ୍ପୂର୍ଣ୍ଣଭାବରେ ସ୍ୱୀକାର କରିଥାଏ । ମାତ୍ର ଈଶ୍ୱରଙ୍କଠାରେ ମୋର ବିଶ୍ୱାସ ଏବଂ ତାଙ୍କର ବଳ ତଥା ପ୍ରେମ ଅବିଚଳ ହୋଇ ରହିଥାଆନ୍ତି । ମୁଁ ନିଜକୁ ସେହି ପରମ କୁମ୍ଭକାରର ହାତରେ ମାଟି ସଦୃଶ କରି ରଖିଥାଏ ।

କୌଣସି ସ୍ଥାନରେ ମୋତେ ସମ୍ମାନ ମିଳିବ ବୋଲି ମୋର କୌଣସି ଲୋଭ ନାହିଁ, ଏହି ସମ୍ମାନକୁ ତ ରାଜଦରବାରରେ ଦରକାର ହେଉଥିବା କେତେଗୁଡ଼ିଏ ଆସବାବପତ୍ର ବୋଲି କୁହାଯିବ । ମୁଁ ହିନ୍ଦୁମାନଙ୍କର ଯେମିତି ଜଣେ ସେବକ, ମୁସଲମାନ, ଖ୍ରୀଷ୍ଟିଆନ, ପାର୍ସୀ ଏବଂ ଇହୁଦୀମାନଙ୍କର ମଧ ସେହିଭଳି ଜଣେ ସେବକ । ଜଣେ ସେବକର ପ୍ରେମ ଦରକାର, ସମ୍ମାନ ଦରକାର ନାହିଁ । ଯେପର୍ଯ୍ୟନ୍ତ ମୁଁ ବିଶ୍ୱସ୍ତଭାବରେ ସେବା କରିପାରୁଥିବି, ସେହି ପ୍ରେମ ମୋତେ ସୁନିଶ୍ଚିତ ଭାବରେ ଅବଶ୍ୟ ପ୍ରାପ୍ତ ହେଉଥିବ ।

ଏପରି କେତେକ କଥା ରହିଛି, ଯେଉଁଗୁଡ଼ିକୁ ତୁମେ ଏଡ଼ିଯିବାରେ ଲାଗିଥିଲେ ମଧ ତଥାପି ହଠାତ୍ କଦାପି ଏଡ଼ି ପାରିବନାହିଁ । ଯେଉଁ ପାର୍ଥିବ ଦେହାବରଣଟି ମଧ୍ୟରେ ମୁଁ ବନ୍ଦୀହୋଇ ରହିଛି, ତାହା ହେଉଛି ମୋ ଜୀବନ ଲାଗି ଅଭିଶାପ, ତଥାପି ମୁଁ ଏଇଟି ସହିତ ଯୁକ୍ତ ହୋଇ ରହିବାକୁ ବାଧ ହେଉଛି ଏବଂ ଏପରିକି ତାହାକୁ ସନ୍ତୁଷ୍ଟ କରି ରଖିବାକୁ ମଧ ବାଧ ହେଉଛି ।

ତାଙ୍କର ଆଜ୍ଞା ନହେଲେ ଘାସର ପତରଟିଏ ମଧ ହଲୁନାହିଁ ବୋଲି ଯେଉଁ କଥାଟି ରହିଛି, ଏହାର ସତ୍ୟରେ ମୁଁ ମର୍ମତଃ ବିଶ୍ୱାସ କରୁଛି । ଏହି ଶରୀରଟି ଭିତରେ ସେ ମୋ'ଠାରୁ ଅଧିକ ଆବଶ୍ୟକ କରୁଥିବା ପର୍ଯ୍ୟନ୍ତ ସେ ଏହାକୁ (ମୋ' ଜୀବନକୁ) ଅବଶ୍ୟ ରକ୍ଷା କରିବେ । ତାଙ୍କର ଇଚ୍ଛା ନଥିଲେ ତାହାକୁ କେହି ରଖି ପାରିବେନାହିଁ ।

ମୋତେ ସୁରକ୍ଷା ଦେଇ ରଖିବାଲାଗି କୌଣସି ଚେଷ୍ଟା କରନାହିଁ । ସେହି ପରମ ଉଚ୍ଚତମ ହିଁ ଆମ ସମସ୍ତଙ୍କର ରକ୍ଷା କରିବାଲାଗି ସର୍ବଦା ବିଦ୍ୟମାନ ରହିଛନ୍ତି । ତୁମେ ଜାଣି ରଖିଥାଅ ଯେ, ଯେତେବେଳେ ମୋ' ବେଳ ସରିଯିବ, ସେତେବେଳେ ଏହି ପୃଥିବୀର ପ୍ରଖ୍ୟାତତମ ପୁରୁଷ ମଧ ତାଙ୍କ ଓ ମୋ' ଭିତରେ କଦାପି ଆସି ଛିଡାହୋଇ ପାରିବନାହିଁ ।

ମୋ'ର ପରମ କର୍ତ୍ତାଙ୍କ ପାଖରେ ମୁଁ ଅବଶ୍ୟ ସଚ୍ଚା ହୋଇ ରହିବି ଏବଂ ଜୀବନ ମୋ' ଲାଗି ଅବଲମ୍ବନହୀନ ହୋଇଗଲାଣି ବୋଲି ମୁଁ ଯେଉଁ ମୁହୂର୍ତ୍ତରେ ଅନୁଭବ କରିବି, ସେତେବେଳେ ମୁଁ କଦାପି ପଶ୍ଚାତ ପଦ ହୋଇ ରହିଯିବିନାହିଁ । ଯେଉଁ ଶରୀରଟି ସେତେବେଳେ ଅନୁସନ୍ଧାନ ଜଣାଇବାକୁ ଅସମର୍ଥ ହୋଇ ଯାଇଛି ଏବଂ ଯଥାର୍ଥ ମାର୍ଗଟିର ଆବିଷ୍କାର କରିବାରେ ଯାହା ହୁଏତ ଏକ ପ୍ରତିବନ୍ଧକ ହୋଇ ଠିଆ ହୋଇପାରେ, ତାହାକୁ ସ୍ୱେଚ୍ଛାପ୍ରଣୋଦିତ ଭାବରେ ତାଙ୍କୁ ଅର୍ପଣ କରିଦେବା ବ୍ୟତୀତ ଆଉ ଅଧିକ ଭଲ କାମ ପ୍ରକୃତରେ କ'ଣ ହୋଇପାରେ ?

ଶହୀଦ ହେବାପାଇଁ ମୁଁ ଆଦୌ ବିକଳ ହେଉନାହିଁ ; ମାତ୍ର, ମୁଁ ଯେଉଁ ବିଶ୍ୱାସକୁ ଆଶ୍ରୟ କରିଛି, ଯଦି ତାହାରି ରକ୍ଷା ନିମନ୍ତେ ମୁଁ ମୋ'ର ସର୍ବୋଚ୍ଚ କର୍ତ୍ତବ୍ୟ ବୋଲି ବିଚାରୁଥିବା କାର୍ଯ୍ୟଟିର ସାଧନଲାଗି ତାହା ମୋ' ସମ୍ମୁଖରେ ଆସି ଉପସ୍ଥିତ ହୁଏ, ...ତେବେ ମୁଁ ତାହାକୁ ଅବଶ୍ୟ ସ୍ୱୀକାର କରିନେବି ।

ଜନଗଣଙ୍କର ମୋ' ପ୍ରତି ଯେଉଁ ଅପାର ସ୍ନେହ ରହିଛି, ତାହାକୁ ମୁଁ ସକଳ ମୂଲ୍ୟ ଦେଉଛି ସତ, ମାତ୍ର ସେମାନେ ମଧ ଉପଲବ୍ଧି କରନ୍ତୁ ଯେ, ଯଦି ମୋ' ଜୀବନଟିର ରକ୍ଷା ହେବାର ବ୍ୟାକୁଳତା ଜାତିର ଦୃଷ୍ଟିକୁ ଅସଲ ଉଦ୍ଦେଶ୍ୟଟି ଠାରୁ ଟଳାଇ ଦେବାକୁ ଆରମ୍ଭ କରେ, ତେବେ ତାହାକୁ ରକ୍ଷା କରିବାଦ୍ୱାରା ଆଦୌ କୌଣସି ଲାଭ ହେବନାହିଁ ।

ଆଗରୁ ମୋ' ଜୀବନ ଉପରେ କେତେଥର ଆକ୍ରମଣ କରାଯାଇଛି, ମାତ୍ର ଭଗବାନ ମୋତେ ଏପର୍ଯ୍ୟନ୍ତ ବଞ୍ଚାଇ ରଖୁଛନ୍ତି ଏବଂ ଆକ୍ରମଣକାରୀମାନେ ମଧ ସେମାନଙ୍କର କାର୍ଯ୍ୟ ଲାଗି ଅନୁତାପ କରୁଛନ୍ତି । ମାତ୍ର ଗୋଟିଏ ବଦମାସ ମଣିଷର ଦୌରାତ୍ମ୍ୟରୁ ନିଷ୍କୃତି ପାଇବାର ବିଶ୍ୱାସରେ ଯଦି କୌଣସି ବ୍ୟକ୍ତି ମୋତେ ଲକ୍ଷ୍ୟକରି ଗୁଳି ମାରିବାକୁ ବାହାରିବ, ତେବେ ସେ ତଦ୍ୱାରା ପ୍ରକୃତ ଗାନ୍ଧୀକୁ କଦାପି ହତ୍ୟା କରିବନାହିଁ ; ମାତ୍ର ଯେଉଁ ଗାନ୍ଧୀ ତାକୁ ବଦମାସ ପରି ଦେଖା ଯାଉଥିଲେ, ସେ ତାହାକୁ ହିଁ ହତ୍ୟା କରିବ ।

କେବଳ ଈଶ୍ୱର ହେଉଛନ୍ତି ମୋ'ର ରକ୍ଷାକର୍ତ୍ତା । ଜଣେ କ୍ଷୁଦ୍ର ମଣିଷ, ଯିଏ ତା' ନିଜର ଅଗାମୀକାଲିଟି ବିଷୟରେ ମଧ ଅନିଶ୍ଚିତ ହୋଇ ରହିଥାଏ, ସିଏ ଆଉ କାହାର ରକ୍ଷା କରିପାରିବ ବୋଲି କିପରି ଦମ୍ଭ କରିବ ? ମୁଁ ଈଶ୍ୱରଙ୍କ ସୁରକ୍ଷା ଭିତରେ ରହିଛି, ତାହାହିଁ ଯଥେଷ୍ଟ । ସିଏ ଇଚ୍ଛା କଲେ ରକ୍ଷା କରିବେ, ଇଚ୍ଛା ନକଲେ ନଷ୍ଟ ବି କରିଦେବେ । ମୁଁ ଏକଥା ମଧ ଜାଣିଛି ଯେ, ଅନେକ ସମୟରେ ସେ ରକ୍ଷା କରିବେ ବୋଲି ହିଁ ବିନାଶ କରିଥାନ୍ତି ।

ମୋ' ଦେହର ଯାବତୀୟ ସାମର୍ଥ୍ୟକୁ ଏକ ପକ୍ଷାଘାତ ଅବଶ କରି ଦେଇଥବ—ଏହିପରି ଜଣେ ପରାଭୂତ ମଣିଷ ପରି ମୁଁ ମରିବାକୁ ଇଚ୍ଛା କରୁନାହିଁ । କୌଣସି ଆତତାୟୀର ଗୁଳିରେ ହୁଏତ ମୋ' ଜୀବନର ଅବସାନ ଘଟିପାରେ । ମୁଁ ସେହିପରି ମୃତ୍ୟୁକୁ ସ୍ୱାଗତ କରିବି । ମାତ୍ର, ମୁଁ ସର୍ବୋପରି ମୋ'ର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୋ'ର କର୍ତ୍ତବ୍ୟ କରୁ କରୁ ଲୁପ୍ତ ହୋଇ ଯିବାକୁ ହିଁ ପସନ୍ଦ କରିବି ।

ଯଦି ତାହାହିଁ ମୋ'ର ନିୟତି ହୋଇ ରହିଥାଏ, ତେବେ ମୋ' ଜୀବନ ବ୍ରତର ସାଧନ କରୁ କରୁ ମୃତ୍ୟୁବରଣ କରିବାକୁ ମୁଁ କଦାପି ଭୟ କରିବିନାହିଁ ।

# ସପେଟାରେ ବିଭିନ୍ନ ରୋଗ ଦୂର

**ସ**ପେଟା ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧି ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ବିଭିନ୍ନ ପ୍ରକାର କର୍କଟ ଓ ତ୍ୱଚା ରୋଗ ଦୂର ହୋଇଥାଏ ।



କୋଷ୍ଠକାଠିନ୍ୟ, ଡାଇରିଆ, ଅଣ୍ଡା, କଫ ଆଦି ସମସ୍ୟା ସପେଟା ଖାଇବା ଦ୍ୱାରା ଦେଖାଯାଏ ନାହିଁ । ଗର୍ଭଧାରଣ ସମୟରେ ଏହାକୁ ଖାଇବା ବହୁତ ଭଲ । ଏହା ଚିନ୍ତା ଦୂର କରିବା ସହ ଶକ୍ତି ବୃଦ୍ଧି କରେ । ଦାନ୍ତ ସୁସ୍ଥ ରଖିବା ସହ କିଡନୀ ଷ୍ଟୋନ୍ ଦୂର କରେ ଏବଂ ମାନସିକ ଅବସ୍ଥାକୁ ସୁଦୃଢ଼ କରେ ।

# ସ୍ୱାସ୍ଥ୍ୟୋପକାରୀ ତେନ୍ତୁଳି

**ତେ**ନ୍ତୁଳିର ଖଟାମିଠା ସ୍ୱାଦ ନିଶ୍ଚୟ ସମସ୍ତଙ୍କ ପାଟିରୁ ଲାଳ ଗଡ଼ାଇଦେବ । ତେବେ ସ୍ୱାଦ ବ୍ୟତୀତ ଏହାର ଏକାଧିକ ସ୍ୱାସ୍ଥ୍ୟ ଉପକାରିତା ଥିବା ଖୁବ୍ କମ୍ ଲୋକ ଜାଣନ୍ତି । ତେନ୍ତୁଳି ମଞ୍ଜିକୁ କ୍ଷୀରରେ ପୁରା ସିଝାଇଦେବେ



ଯେପରି ତା' ଉପର ଚୋପା ଛଡ଼ାଇହେବ । ଏବେ ଏହାର ଧଳା ଅଂଶକୁ ବାଟି ଘିଅରେ ଭାଜି ଏଥିରେ ଅଳ୍ପ ମିଶ୍ରି ମିଶାଇ ରଖିଦିଅନ୍ତୁ । ଏହାକୁ ପ୍ରତିଦିନ ଅଳ୍ପ ଅଳ୍ପ ଖାଇଲେ ନପୁଂସକତା ସମସ୍ୟା ଦୂର ହୋଇଥାଏ ।

ଜୁଆଣି, ତେନ୍ତଳି ମଞ୍ଜି ଏବଂ ଗୁଡ଼ ସମାନ ପରିମାଣରେ ନେଇ ଏହାକୁ ଘିଅରେ ଭଲଭାବେ ଭାଜି ଦିଅନ୍ତୁ । ଏହାକୁ ମଧ ପ୍ରତିଦିନ ଅଳ୍ପଅଳ୍ପ ମାତ୍ରାରେ ଖାଇଲେ ନପୁଂସକତା ଦୂର ହୋଇଥାଏ ।

ପଚିଲା ତେନ୍ତୁଳିର ଶସ ପ୍ରାୟ ୧୫ ଗ୍ରାମ ଜ୍ୱର ପୀଡିତଙ୍କୁ ଦେଲେ ଆରୋଗ୍ୟ ମିଳେ । ଏଥିରେ କିଛି ଅଳେଇଚ ଏବଂ ଖଜୁରୀ ମିଶାଇଲେ ଅଧିକ ପ୍ରଭାବଶାଳୀ ହୋଇଥାଏ । ଛାତି ପୋଡାଜଳା ହେଲେ ପାଚିଲା ତେନ୍ତୁଳି ରସରେ ମିଶ୍ରି ମିଶାଇ ପିଅନ୍ତୁ ଆରାମ ମିଳିବ । ତେନ୍ତୁଳି ପତ୍ର ଏବଂ ଫୁଲକୁ ଏକାଠି ପାଣିରେ ଫୁଟାଇ କାଢ଼ା ପ୍ରସ୍ତୁତ କରି ଜଣ୍ଡିସ୍ ରୋଗୀଙ୍କୁ ପିଇବାକୁ ଦେଲେ ଏହା ଆରାମ ଦିଏ । ସପ୍ତାହେ ପର୍ଯ୍ୟନ୍ତ ଦିନକୁ ଦୁଇଥର ଏହି କାଢ଼ା ପିଇଲେ ଜଣ୍ଡିସ୍ ରୋଗ ଉପଶମ ହୋଇଥାଏ ବୋଲି କୁହାଯାଏ ।

# ସର୍ବେଦ

ଓ୍ୱହ ତୋ ପଦାରଥ ଧନ୍ୟ ହୈ, ଜୋ ଦେଖତ ନହିଁ ଦେଖ ।

ସ୍ପର୍ଶ ନହାଁ ଅସ୍ପର୍ଶ ହୈ, ମିଲତ ଔର ରହ ଶେଷ ॥୦୭॥

ଭାଷ୍ୟ - ସେହି ପଦାର୍ଥ ଧନ୍ୟ ଅଟେ, ଯାହା ଦେଖି ସୁଦ୍ଧା ଦେଖି ହୁଏନାହିଁ, ସ୍ପର୍ଶ କରି ସୁଦ୍ଧା ସ୍ପର୍ଶ ହୁଏ ନାହିଁ, ପ୍ରାପ୍ତ ହୋଇ ସୁଦ୍ଧା ପ୍ରାପ୍ତ ହୁଏ ନାହିଁ ।

ଓ୍ୱହ ତୋ ଅଓ୍ୱସ୍ଥା ଧନ୍ୟ ହୈ, ମନ ମାୟା ନହିଁ ଭାଓ୍ୱ ।

ଜଗ ସୁଷୋପ୍ତି ଇଓ୍ୱ ନହିଁ ରହେ, ଶବ୍ଦ ହିଁ ଶବ୍ଦ ପ୍ରଭାଓ୍ୱ ॥୦୯॥

ଭାଷ୍ୟ - ସେହି ଅବସ୍ଥା ଧନ୍ୟ ଅଟେ, ଯେଉଁଠାରେ ମନ ତଥା ତାହାର ମାୟା ରହେନାହିଁ । ଯେଉଁଥିରେ ନିଦ୍ରା ସମାନ ସଂସାରର ଅଭାବ ହୋଇଯାଏ, ଏକମାତ୍ର ଶବ୍ଦ ହିଁ ଶବ୍ଦର ପ୍ରକାଶ ପ୍ରଦୀପ୍ତ ରହିଥାଏ ।

ଓ୍ୱହ ଯୋଗୀ ଜଗ ଧନ୍ୟ ହୈ, ଯୋଗୀ ମେଁ ଜଗ ନହିଁ ।

ଅନୁଭଓ୍ୱ ଯୋଗ ପ୍ରତାପ ସେ, ସବ ହିତ କର ଜଗ ମହିଁ ॥୧୦॥

ଭାଷ୍ୟ - ସଂସାରରେ ସେହି ଯୋଗୀ ଧନ୍ୟ ଅଟନ୍ତି, ଯିଏ ସଂସାର ଭିତରେ ରହିଥାନ୍ତି କିନ୍ତୁ ତାଙ୍କଠାରେ ସଂସାର ରହେନାହିଁ । ସେହି ଜୀବନ୍ମୁକ୍ତ ଯୋଗୀ ନିଜ ଯୋଗବଳର ପ୍ରଭାବରେ ସଂସାରର ସମସ୍ତ ଜୀବମାନଙ୍କର କଲ୍ୟାଣ କରିଥାନ୍ତି ।

ଓ୍ୱହ ତରଙ୍ଗ ଓ୍ୱର ଧନ୍ୟ ହୈ, ଛୁଟତ ନ ବଦଲତ ସୋୟ ।

ସୁଖ ଶାନ୍ତି ସତ୍ତା ରହୈ, ସବ ରଙ୍ଗ ମହ ରଙ୍ଗ ସୋୟ ॥୧୧॥

ଭାଷ୍ୟ - ସେହି ସର୍ବଶ୍ରେଷ୍ଠ ରଙ୍ଗ ଧନ୍ୟ ଅଟେ ଯାହା କଦାପି ଛାଡ଼େ ନାହିଁ କିମ୍ବା ବଦଳେ ନାହିଁ । ସେହି ତତ୍ତ୍ୱରେ ସର୍ବଦା ସୁଖ ଶାନ୍ତି ଏକ ସମାନ ହୋଇଥାଏ । ସେହି ସବୁ




ରଙ୍ଗଗୁଡ଼ିକରେ ରଙ୍ଗ ଲାଗି ରହିଛି । ସେହି ବ୍ୟାପକ ପରଂବ୍ରହ୍ମ ସର୍ବସ୍ୱରୂପ ସମସ୍ତ ସତ୍ତାରେ ଏକରସ ପରିପୂର୍ଣ୍ଣ ବ୍ୟାପକ ଅଟନ୍ତି ।

ଓ୍ୱହ ତୋ ପଦାରଥ ଧନ୍ୟ ହୈ, ଜେହି ଓ୍ୱିୟୋଗ ନହିଁ ହୋୟ ।

ସଦା ନିରନ୍ତର ମିଲନ ହୈ, ଓତପ୍ରୋତ ରହ ସୋୟ ॥୧୨॥

ଭାଷ୍ୟ - ସେହି ପଦାର୍ଥ ଧନ୍ୟ ଅଟେ, ଯାହାର ବିୟୋଗ କଦାପି ହୁଏ ନାହିଁ । ଯାହା ସର୍ବଦା ସମସ୍ତଙ୍କ ସହିତ ଓତଃପ୍ରୋତ ଭାବରେ ବ୍ୟାପ୍ତ ।

ଓ୍ୱହ ତୋ କୂପ ଓ୍ୱର ଧନ୍ୟ ହୈ, ଅମିତ ପୂର୍ଣ୍ଣ ରସ ଜାହି ।

ଅର୍ଧମୁଖୀ ଯହ କୂପ ହୈ, ଧନ୍ୟ ଡୋର ଜେହି ମାହିଁ ॥୧୩॥

ଭାଷ୍ୟ - ସେହି ସୋମରସ ପରିପୂର୍ଣ୍ଣ କୂପ ଧନ୍ୟ ଅଟେ ଯାହା ନିମ୍ନମୁଖୀ ଅଟେ । ସେ ଧନ୍ୟ ମଧ୍ୟ ଅଟନ୍ତି ଯାହାର ସମ୍ପର୍କ ଏହି କୂପ ସହିତ ଜଡ଼ିତ ହୋଇ ରହିଛି ।

କୂପ ନୀର ଓ୍ୱହ ଧନ୍ୟ ହୈ, ପାନ ତୃଷା କର ନାଶ ।

ଶୀତଲ ଶାନ୍ତି ସୁବାସ ହୈ, ଶୁଦ୍ଧ ସ୍ୱରୂପ ପ୍ରକାଶ ॥୧୪॥

ଭାଷ୍ୟ - ସେହି କୂପର ଜଳ ଧନ୍ୟ ଅଟେ ଯାହାର ଜଳ ପାନକଲେ ଆତ୍ମାର ଶୋଷ ମେଣ୍ଟିଯାଏ ଆଉ ନିଜର ଶୁଦ୍ଧ ସ୍ୱରୂପର ପ୍ରକାଶରେ ଶୀତଳତା, ଶାନ୍ତି ଏବଂ ସୁଗନ୍ଧ ପ୍ରାପ୍ତ ହୁଏ ।

ଓ୍ୱହ ଆସନ ଓ୍ୱର ଧନ୍ୟ ହୈ, ଧର ଅଧରା କେ ପାର ।

ଜେହି ଆସନ ସାହେବ ମିଲୈ, ନହିଁ ଜାନତ ସଂସାର ॥୧୫॥

ଭାଷ୍ୟ - ସେହି ସର୍ବଶ୍ରେଷ୍ଠ ଆସନ ଧନ୍ୟ ଅଟେ, ଯାହା ପୃଥିବୀ ଆଉ ଆକାଶର ଊର୍ଦ୍ଧ୍ୱରେ ଏବଂ ଯାହା ଦ୍ୱାରା ପରମପ୍ରଭୁ ପ୍ରାପ୍ତ ହୋଇଥାନ୍ତି କିନ୍ତୁ ତାଙ୍କୁ ସଂସାର ଜାଣିପାରେ ନାହିଁ ।

ଓ୍ୱହ ସଦ୍‌ଗୁରୁ ମମ ଧନ୍ୟ ହୈ, ନର ସେ ଦେଓ୍ୱ ବନାୟ ।

ସଦା ରହେ ମମ ପାସ ମେଁ, ଆଭା ଆଓ୍ୱ ସମାୟ ॥୧୬॥

ଭାଷ୍ୟ - ମୋର ସେହି ଗୁରୁଦେବ ଧନ୍ୟ ଅଟନ୍ତି, ଯିଏ ମନୁଷ୍ୟକୁ ଦେବତା କରିଦିଅନ୍ତି ଏବଂ ଯିଏ ସର୍ବଦା ମୋ ପାଖରେ ରହିଥାନ୍ତି ତଥା ଯାହାଙ୍କର ଆଭା ମୋ ମୁଖମଣ୍ଡଳକୁ ପ୍ରତିଭାତ କରେ ।

ସୂରଜ ଦେଖନ କେ ଲିୟେ, ଦୀପକ କା ନହିଁ କାମ ।

ସଦ୍‌ଗୁରୁ କେ ପହିଚାନ ମେଁ, କଓ୍ୱନ ଜ୍ଞାନ ଗୁଣ ନାମ ॥୧୭॥

ଭାଷ୍ୟ - ସୂର୍ଯ୍ୟଙ୍କୁ ଦେଖିବା ନିମନ୍ତେ ଯେପରି ଦୀପର କୌଣସି ଆବଶ୍ୟକତା ହୋଇ ନ ଥାଏ ଠିକ୍ ସେହିପରି ସଦ୍‌ଗୁରୁଙ୍କୁ ଚିହ୍ନିବା ନିମନ୍ତେ କେଉଁ ଜ୍ଞାନ, ନାମ ଆଉ ଗୁଣର ଆବଶ୍ୟକତା ଅଛି ? ସଦ୍‌ଗୁରୁ ସମସ୍ତ ଜ୍ଞାନ-ବିଜ୍ଞାନର ଆତ୍ମା ଅଟନ୍ତି । ତାଙ୍କୁ ଚିହ୍ନିବା ନିମନ୍ତେ ଅନ୍ୟ କୌଣସି ସାଧନର ଆବଶ୍ୟକତା ପଡ଼େ ନାହିଁ । ସୂର୍ଯ୍ୟଙ୍କୁ ଜାଣିବା ନିମିତ୍ତ ଯେପରି ଅନ୍ୟ ପ୍ରକାଶର ଆବଶ୍ୟକତା ହୁଏ ନାହିଁ, ଠିକ୍ ସେହିପରି ଆଧ୍ୟାତ୍ମ ବିଦ୍ୟାର ମାର୍ତ୍ତଣ୍ଡ ସଦ୍‌ଗୁରୁଙ୍କୁ ଜାଣିବା ପାଇଁ ଅନ୍ୟ କୌଣସି ଜ୍ଞାନ ଅଥବା ପ୍ରକାଶର ଆବଶ୍ୟକତା ଲୋଡ଼ା ହୁଏନାହିଁ । ସେ ସ୍ୱତଃ ପ୍ରକାଶ ସ୍ୱରୂପ ସଂସାରର ସମସ୍ତ ଅଜ୍ଞାନ, ମୋହ ଏବଂ ଅନ୍ଧକାରକୁ ଦୂର କରିଥାନ୍ତି, ଏହା ହିଁ ତାଙ୍କର ପରିଚୟ ।

ନିଶା ନିଓ୍ୱୃତ୍ତି ପ୍ରକାଶ ମେଁ, ସୂରଜ କୋ ଜଗ ମାନ ।

ସଦ୍‌ଗୁରୁ ପାରଖ କେ ଲିୟେ, ଅନ୍ୟ ନହାଁ ପରମାନ ॥୧୮॥

ଭାଷ୍ୟ - ସୂର୍ଯ୍ୟଙ୍କର ପ୍ରକାଶରେ ରାତ୍ରିର ନିବୃତ୍ତି ହୁଏ, ଏହା ସଂସାରରେ ସର୍ବଜ୍ଞାତ ଏବଂ ପ୍ରସିଦ୍ଧ ଅଟେ । ସେହି ପ୍ରକାର ସଦ୍‌ଗୁରୁଙ୍କ ଦ୍ୱାରା ହିଁ ମୋହ, ତମଃ ଏବଂ ଅଜ୍ଞାନର ନିବୃତ୍ତି ହୋଇଥାଏ । ଏହା ହିଁ ତାଙ୍କର ପରିଚୟର ସାଧନ ଅଟେ । ଏତଦ୍ ଭିନ୍ନ ଅନ୍ୟ କୌଣସି ପ୍ରମାଣ ନାହିଁ ।

ଆପ୍ତ ପୁରୁଷ କା ଓ୍ୱଚନ ହୀ, ଜଗ କୋ ହୈ ପରମାନ ।

ଆପ୍ତ ଆପ୍ତ ପହିଚାନତେ, ଓ୍ୱା ଅନୁରାଗୀ ଜାନ ॥୧୯॥

ଭାଷ୍ୟ - ଆପ୍ତ ସଦ୍‌ଗୁରୁଙ୍କର ବଚନ ହିଁ ସଂସାର ପାଇଁ ପ୍ରମାଣ ଅଟେ । ଆପ୍ତ ଯୋଗୀକୁ ଯୋଗୀ ହିଁ ଚିହ୍ନି ପାରନ୍ତି ଅଥବା ପ୍ରଭୁ ଅନୁରାଗୀ ଭକ୍ତ ଅନନ୍ୟ ଶରଣଦାସ କେବଳ ଚିହ୍ନି ପାରନ୍ତି ।

ଶିଷ୍ୟ ହଁସ ଓ୍ୱହ ଧନ୍ୟ ହୈ, ସଦ୍‌ଗୁରୁ ସେଓ୍ୱା ଜୀତ ।

ଆଜ୍ଞା ଭଙ୍ଗ ନ କରତ ହୈ, ପ୍ରେତ କାଲ ନହିଁ ମୀତ ॥୨୦॥

ଭାଷ୍ୟ - ସେହି ଶିଷ୍ୟ ଧନ୍ୟ ଅଟେ ଯିଏ ସଦ୍‌ଗୁରୁଙ୍କର ଆଜ୍ଞାକାରୀ ଏବଂ ସେବାକାରୀ ଅଟେ । କଦାପି ଗୁରୁ ଆଜ୍ଞାକୁ ଅମାନ୍ୟ କରେ ନାହିଁ ଏବଂ ସ୍ୱତନ୍ତ୍ର ତଥା ମନମୁଖୀ ହୋଇ କୌଣସି ପ୍ରକାର ବିରୁଦ୍ଧାଚରଣ କରେନାହିଁ ।

# ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱର କଥା

**ଆ**ବ୍ରାହମ୍ ଜଣେ ଗରିବ ଶ୍ରମିକର ପୁତ୍ର ଥିଲେ । ପାଠପଢ଼ାରେ ତାଙ୍କର ବହୁତ ଆଗ୍ରହ ଥିଲା । ସେ କେଉଁଠୁ ଜାଣି ପାରିଲେ ଯେ ତାଙ୍କ ଶିକ୍ଷକ ଏଣ୍ଡ୍ରୟୁ କ୍ରଫର୍ଡଙ୍କ ପାଖରେ ଜର୍ଜ ଓ୍ୱାଶିଂଟନଙ୍କ ଜୀବନୀ ଅଛି । ତାହା ପଢ଼ିବା ପାଇଁ ଆବ୍ରାହମଙ୍କ ମନ ଲାଳାୟିତ ହୋଇ ଉଠିଲା ତେଣୁ ସେ ମି. କ୍ରଫର୍ଡଙ୍କୁ ପୁସ୍ତକଟି ଉଧାର ଦେବାର ପ୍ରାର୍ଥନା କଲେ । ମି.କ୍ରଫର୍ଡ ତାଙ୍କର ପୁସ୍ତକ ପ୍ରେମକୁ ଦେଖି ସେହି ପୁସ୍ତକଟି ତାଙ୍କୁ ଦେଇଦେଲେ । ଘରେ ପହଞ୍ଚିବା ମାତ୍ରେ ଆବ୍ରାହମ ସେହି ପୁସ୍ତକ ପଢ଼ିବାକୁ ବସି ପଡ଼ିଲେ ଓ ପଢୁ ପଢୁ ତାଙ୍କୁ ନିଦ ଆସିଗଲା ।

ସକାଳୁ ଉଠି ସେ ଦେଖିଲେ ଯେ ରାତିରେ ବର୍ଷା ଛିଟା ପଡ଼ି ପୁସ୍ତକଟି ନଷ୍ଟ ହୋଇଯାଇଛି । ଏହା ଦେଖି ତାଙ୍କ ହୃଦୟ ଥମିଯିବା ପରି ଲାଗିଲା । ସେ ଦୁଃଖିତ ହୃଦୟରେ ପୁସ୍ତକଟି ନେଇ ମି. କ୍ରଫର୍ଡଙ୍କ ପାଖରେ ପହଞ୍ଚିଲେ । ପୁସ୍ତକର ଦୁର୍ଗତି ଦେଖି ଆବ୍ରାହମଙ୍କୁ ସେ ଗାଳି କରି କହିଲେ– ‘‘ତୁମେ ନିଜର ଅବହେଳା ଯୋଗୁଁ ଏତେ ମୂଲ୍ୟବାନ୍ ପୁସ୍ତକଟି ନଷ୍ଟ କରିଦେଲ, ସେଥିପାଇଁ ଏଇ ପୁସ୍ତକ ମୁଁ କାହାକୁ ଦେଉ ନ ଥିଲି । ଏବେ ଏହାର ମୂଲ୍ୟ ପୈଠ କର ଅଥବା ତିନି ଦିନ ପର୍ଯ୍ୟନ୍ତ କ୍ଷେତ୍ରରେ କାମ କର, ତାହେଲେ ଏଇ ପୁସ୍ତକଟି ତୁମର ହୋଇଯିବ ।’’ ଆବ୍ରାହମଙ୍କ ପାଖରେ ତ ପଇସା ନ ଥିଲା, କିନ୍ତୁ ସେ ତିନି ଦିନ ପର୍ଯ୍ୟନ୍ତ ମି. କ୍ରଫର୍ଡଙ୍କ କ୍ଷେତ୍ରରେ କଠିନ ପରିଶ୍ରମ କଲେ । ପରିଣାମସ୍ୱରୂପ ପୁସ୍ତକ ମିଳିବାର ସେ ଖୁସିରେ ନାଚି ନାଚି ଘରେ ପହଞ୍ଚିଲେ ଏବଂ ନିଜ ପିତାଙ୍କୁ ବଚନ ଦେଇ କହିଲେ ଯେ ମୁଁ ଦିନେ ଓ୍ୱାଶିଂଟନଙ୍କ ପରି ହୋଇ ଦେଖାଇବି । ଏହି ବାଳକ ଆବ୍ରାହମ ଦିନେ ଆମେରିକାର ରାଷ୍ଟ୍ରପତି ହେଲେ ।

ସେହିପରି ଗୁଜରାଟରେ ଜଣେ ପ୍ରସିଦ୍ଧ ଓକିଲ ରହୁଥିଲେ । ଥରେ ସେ ଏକ ମୋକଦ୍ଦମା ଲଢୁଥିଲେ, ସେ ସମୟରେ ଗାଁରେ ରହୁଥିବା ତାଙ୍କର ପତ୍ନୀ ବେମାର ପଡ଼ିଲେ । ସେ ତାଙ୍କର ସେବା କରିବା ପାଇଁ ଗାଁକୁ ଯିବାର ବ୍ୟବସ୍ଥା କଲା ବେଳକୁ, ସେହି ଦିନ ତାଙ୍କର ମକଦମାର ତାରିଖ ପଡ଼ିଗଲା । ଏକ ପକ୍ଷରେ ତାଙ୍କ ପତ୍ନୀଙ୍କ ସ୍ୱାସ୍ଥ୍ୟ ତ ଅନ୍ୟ ପକ୍ଷରେ ତାଙ୍କର ମୋକଦ୍ଦମା । ତାଙ୍କୁ ଅସମଂଜସରେ ଥିବାର ଦେଖି ତାଙ୍କ ପତ୍ନୀ କହିଲେ– ‘‘ମୋର ଚିନ୍ତା କରନ୍ତୁ ନାହିଁ, ଆପଣ ସହରକୁ ଯାଆନ୍ତୁ । ଆପଣ ନ ରହିବା ଫଳରେ କୌଣସି ନିର୍ଦ୍ଦୋଷକୁ ଦଣ୍ଡ ହୋଇଯାଇ ପାରେ ।’’ ଓକିଲ ସାହେବ ଦୁଃଖୀ ମନରେ ସହରରେ ପହଞ୍ଚିଲେ ଏବଂ ସେ ନିଜର ମହକିଲ ପକ୍ଷରେ ଜେରା କରିବାକୁ ଠିଆ ହେଲା ବେଳକୁ କେହି ଜଣେ ତାଙ୍କୁ ଏକ ଟେଲିଗ୍ରାମ ଆଣି ଧରାଇ ଦେଲା । ସେ ଟେଲିଗ୍ରାମ ପଢ଼ି ନିଜ ପକେଟରେ ରଖିଦେଲେ ଏବଂ ଜେରା ଜାରୀ ରଖିଲେ । ନିଜର ପ୍ରମାଣ ଆଧାରରେ ସେ ନିଜ ମହକିଲକୁ ନିର୍ଦ୍ଦୋଷ ପ୍ରମାଣିତ କରିଦେଲେ, ଯିଏ ପ୍ରକୃତରେ ନିର୍ଦ୍ଦୋଷ ଥିଲା ମଧ । ସବୁ ଲୋକ ଓକିଲ ସାହେବଙ୍କୁ କୃତଜ୍ଞତା ଜ୍ଞାପନ କରିବାକୁ ତାଙ୍କ ପାଖରେ ପହଞ୍ଚିଲେ ଏବଂ ତାଙ୍କୁ ପଚାରିଲେ- ‘‘ଟେଲିଗ୍ରାମରେ କ’ଣ ଲେଖା ହୋଇଥିଲା ? ଓକିଲ ସାହେବ ଯେତେବେଳେ ସେହି ଟେଲିଗ୍ରାମକୁ ସମସ୍ତଙ୍କୁ ଦେଖାଇଲେ ତ ସେମାନେ ଅବାକ୍ ହୋଇଗଲେ । ସେଥିରେ ତାଙ୍କ ପତ୍ନୀଙ୍କ ମୃତ୍ୟୁର ସମାଚାର ଥିଲା । ଲୋକମାନେ କହିଲେ– ‘‘ଆପଣ ନିଜର ବେମାର ପତ୍ନୀଙ୍କୁ ଛାଡ଼ି କିପରି ଆସିଗଲେ ? ଓକିଲ ସାହେବ କହିଲେ– ‘‘ତାଙ୍କରି ଆଦେଶରେ ହିଁ ଆସିଥିଲି । କାରଣ ସେ ଜାଣିଥିଲେ ଯେ ନିର୍ଦ୍ଦୋଷକୁ ବଞ୍ଚାଇବାର କର୍ତ୍ତବ୍ୟ ସବୁଠାରୁ ବଡ଼ ଧର୍ମ ହୋଇଥାଏ ।’’ ସେହି ଓକିଲ ଥିଲେ, ସରଦାର ବଲ୍ଲଭ ଭାଇ ପଟେଲ ଥିଲେ, ଯିଏ ନିଜର ଏହି କର୍ତ୍ତବ୍ୟ ପାଳନ କାରଣରୁ ଲୌହପୁରୁଷ ବୋଲାଇଲେ ।

# ନଡିଆ ପାଣି ମହୁର ଉପକାରିତା

**ଆ**ମ ଭିତରେ ଅନେକ ନଡିଆ ପାଣି ପିଇବାକୁ ବହୁତ ଭଲ ପାଆନ୍ତି । ନଡିଆ ପାଣିରେ ମହଜୁଦ୍ ପୌଷ୍ଟିକ ତତ୍ତ୍ୱ ଆଜିର ଦୂଷିତ ବାତାବରଣରୁ ରକ୍ଷା କରିଥାଏ । ସଂକ୍ରମିତ ଜୀବାଣୁକୁ ଶରୀର ମଧକୁ ପ୍ରବେଶ କରିବାରୁ ରୋକିଥାଏ । ଏହାଛଡ଼ା ନଡିଆ ପାଣି ପିଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ । କିନ୍ତୁ ଜାଣନ୍ତି, ଏହି ନଡିଆ ପାଣିରେ ଏକ ଚାମଚ ମହୁ ମିଶାଇ ପିଇଲେ ଶରୀରକୁ ବିଶେଷ ଲାଭ ମିଳିଥାଏ । ନଡିଆ ପାଣି ଓ ମହୁ ମିଶା ପାଣି ପିଇବା ଦ୍ୱାରା ପେଟ ଜ୍ୱଳନ, ଅମ୍ଳଦୋଷ ଭଳି ପାଚନ ସମ୍ବନ୍ଧୀୟ ସମସ୍ୟାରୁ ତୁରନ୍ତ ଆରାମ ମିଳିଥାଏ । ଏହାକୁ ନିୟମିତ ପିଇଲେ ରୋଗ ପ୍ରତିରୋଧକ କ୍ଷମତା ଦୃଢ଼ ହୋଇଥାଏ । ଏଥିରେ ଭିଟାମିନ ସି’ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା



ରୋଗ ପ୍ରତିରୋଧକ କ୍ଷମତାକୁ ମଜଭୁତ୍ କରିଥାଏ । ବୟସ ବଢ଼ିବା ସହ ଶରୀରରେ ଫ୍ରି ରାଡିକାଲ ବୃଦ୍ଧି ପାଇଥାଏ । ଏହାଦ୍ୱାରା ଚେହେରାରେ କୁଞ୍ଚନ ଚାଲିଆସେ । ଏ ସମସ୍ୟାରୁ ରକ୍ଷା ପାଇବାକୁ ଚାହୁଁଥିଲେ ନଡିଆ ପାଣି ମହୁ ମିଶାଇ ପିଇପାରିବେ । ଏହି ପେୟରେ ମହଜୁଦ୍ ଫାଇବର କୋଷ୍ଠକାଠିନ୍ୟ ସମୟରେ ମଳଦ୍ୱାରରେ ସୃଷ୍ଟ ଯନ୍ତ୍ରଣାରୁ ଲାଘବ ଦେଇଥାଏ ।

## ଟିକିଏ ହସନ୍ତୁ

ସ୍ୱାମୀ ଅଫିସ୍‌ରୁ ଫେରୁ ଫେରୁ ସ୍ତ୍ରୀ ଝଗଡା ଆରମ୍ଭ କରିଦେଲେ ।

**ସ୍ୱାମୀ :** ଆସୁ ଆସୁ ଝଗଡ଼ା ।
ଦିନସାରା ଖଟି ଖଟି ଆସିଛି ।
ମତେ ଟିକେ ଫ୍ରେଶ୍ ତ ହେବାକୁ ଦିଅ ।

**ସ୍ତ୍ରୀ :** ମୁଁ ବି ଦିନସାରା ଘରେ ଏକୁଟିଆ ରହି ବୋର୍ ହୋଇଯାଇଛି । ଝଗଡା କରି ମତେ ବି ଟିକେ ଫ୍ରେଶ୍ ହେବାକୁ ଦିଅ ।

× × ×

ବାହାଘରକୁ ଆସି ନ ଥିବା ସାଙ୍ଗକୁ

**ରାଜୁ :** ମୁଁ ତତେ ଚିଠି ଦେଇଥିଲି ମୋ ବାହାଘରକୁ ଆସିବା ପାଇଁ । ତୁ ଆସିଲୁନି କାହିଁକି ?

**ସାଙ୍ଗ :** ମୁଁ ତ ଚିଠି ପାଇନି ।

**ରାଜୁ :** ପାଇନୁ ! ହଉ ହେଲା । କିନ୍ତୁ ମୁଁ ତ ଚିଠିରେ ଲେଖିଥିଲି ଚିଠି ପାଆ କି ନ ପାଆ, ଯେମିତି ହେଲେ ଆସିବୁ । ତଥାପି ତୁ ଆସିଲୁନି ।

× × × × ×

ମୋନୁ ଗର୍ଲଫ୍ରେଣ୍ଡକୁ ନେଇ ଡେଟରେ ଯାଇଥାଏ ।

**ମୋନୁ :** ମୁଁ ପ୍ରଥମ ଥର ପାଇଁ କୌଣସି ଝିଅ ସହ ଡେଟରେ ଆସିଛି ।

**ଗର୍ଲଫ୍ରେଣ୍ଡ :** ଶୁଣିକି ଖୁସି ଲାଗିଲା ।

**ମୋନୁ :** ସେଥିପାଇଁ ଯଦି ମୁଁ କିଛି ଭୁଲ୍ କରିଦିଏ ଛୋଟ ଭାଇ ଭାବି କ୍ଷମା କରିଦେବ ।



× × × ×

ମୁନାକୁ ଜୋର୍‌ରେ ପରିସ୍ରା ଲାଗୁଥାଏ ।
ସେ ଏକ କାନ୍ଥ ପାଖକୁ ଗଲା ।

**ସେଠି ଲେଖାଥିଲା :** ଏଠି ଯିଏ ପରିସ୍ରା କରୁଛି ସେ କୁକୁର ଅଟେ ।
ମୁନା ଲେଖା ପଢ଼ି ହସି ହସି ପରିସ୍ରା କରୁଥାଏ । ପରିସ୍ରା କରିବା ପରେ ଜଣେ ବ୍ୟକ୍ତି : ତମେ ଏତେ ହସୁଛ କାହିଁକି ?

**ମୁନା :** ମୁଁ ଏଇୟା ଭାବି ହସୁଥିଲି ଯେ, ପରିସ୍ରା ମୁଁ କଲି ବଦନାମ୍ ହେବ ବିଚରା କୁକୁର ।

× × × ×

ରାଜୁ ଓ ସ୍ତ୍ରୀ ଜଣେ ବ୍ୟକ୍ତିଙ୍କ ପାଖକୁ ତାମିଲ ଶିଖିବାକୁ ଯାଇଥାନ୍ତି ।
ବ୍ୟକ୍ତି : ତୁମେ ଦୁହେଁ ତାମିଲ କାହିଁକି ଶିଖିବ ?
ରାଜୁ : ଆମେ ଏକ ତାମିଲ ପିଲା ପୋଷ୍ୟଭାବେ ଗ୍ରହଣ କରିଛୁ ।
ବ୍ୟକ୍ତି : ଭଲ କଥା । ହେଲେ ତାମିଲ କାହିଁକି ଶିଖିବ ।
ରାଜୁ : ସେ ଯେତେବେଳେ ବଡ଼ ହେଇ ତାମିଲ କହିବ ଆମେ କେମିତି ତା’ କଥା ବୁଝିବୁ ? ସେଥିପାଇଁ ଆଗୁଆ ଶିଖିଯିବୁ ବୋଲି ଆସିଛୁ ।

× × × × ×

ଗୋପୀ ଘରକୁ କୁଣିଆ ଆସିଥାଆନ୍ତି ।
ଗୋପୀ : ଆଜ୍ଞା ଚା’ ନେବେ ନା ଥଣ୍ଡା ?
କୁଣିଆ : ଉଭୟ ।
ଗୋପୀ କିଛି ସମୟ ଭାବିବା ପରେ ଟ୍ରେରେ କପ୍ ଧରି ଆସି : ଆଜ୍ଞା ନିଅନ୍ତୁ ।
କୁଣିଆ କପ୍ ଦେଖି : ଏ କ’ଣ ?
ଗୋପୀ : ଆପଣ ହିଁ ତ ଚା’ ଓ ଥଣ୍ଡା ଉଭୟ କହିଥିଲେ । ସେଥିପାଇଁ ମୁଁ ଚା’ରେ ବରଫ ପକେଇ ନେଇ ଆସିଛି ।

# ମକାର ଉପକାରିତା

**ସ୍ନାକ୍ସ** ଖାଇବାକୁ ଚାହୁଁଛନ୍ତି ତ ମକା ସବୁଠାରୁ ଉତ୍ତମ ବିକଳ୍ପ । ଏହା ଖୁବ୍ ସ୍ୱାଦିଷ୍ଟ ଏବଂ ଏଥିରେ ରହିଛି ପ୍ରଚୁର ପରିମାଣର ଭିଟାମିନ୍, ମିନେରାଲସ ଓ ଅନ୍ୟାନ୍ୟ ପୌଷ୍ଟିକ ତତ୍ତ୍ୱ । ଏହା ଖାଲି ଯେ ଓଜନ କମ୍ କରିଥାଏ ତାହା ନୁହେଁ ବରଂ ଏଥିରେ ବହୁ ଗମ୍ଭୀର ରୋଗ ମଧ ଦୂର ହୋଇଥାଏ ।



ମକାର ଗୁଣ: ୧୦୦ ଗ୍ରାମ ମକାରେ ୮୬ କ୍ୟାଲୋରି, ୧% ଫ୍ୟାଟ୍, ୦% କୋଲେଷ୍ଟେରଲ, ୧୫ ମିଲିଗ୍ରାମ ସୋଡିୟମ, ୭% ପୋଟାସିୟମ, ୬% କାର୍ବୋହାଇଡ୍ରେଟ୍, ୧୦% ଡାଇଟରୀ ଫାଇବର, ୩.୨ ଗ୍ରାମ ସୁଗାର, ୬% ପ୍ରୋଟିନ୍, ୧୧% ଭିଟାମିନ୍ ସି, ୧% କ୍ୟାଲସିୟମ, ୨% ଲୌହ, ୫% ଭିଟାମିନ୍ ବି-୬ ଓ ୯ % ମ୍ୟାଗ୍ନେସିୟମ ରହିଥାଏ । ଏହା ବ୍ୟତୀତ ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟି ଇନ୍ଫ୍ଲାମେଟ୍ରି ଭଳି ଗୁଣ ମିଳିଥାଏ । ଯାହାକି ଆପଣଙ୍କୁ ବହୁ ରୋଗରୁ ରକ୍ଷା କରିଥାଏ ।

**ଫାଇବରରେ ଭରପୁର :** ମକାରେ ଭରପୁର ଡାଇଟରୀ ଫାଇବର ରହିଥାଏ, ଯାହା ପାଚନ କ୍ରିୟାକୁ ବଢ଼ାଇ ଦେଇଥାଏ ଓ କବ୍ଜ ସମସ୍ୟାରୁ ରକ୍ଷା କରିଥାଏ । ଆପଣ ସନ୍ଧ୍ୟାରେ ସ୍ନାକ୍ସ ଭାବେ କର୍ଣ୍ଣକୁ ସାଲାଡରେ କିମ୍ବା ସିଝା ଯାଇଥିବା ସ୍ୱିଟ୍ କର୍ଣ୍ଣ ଖାଇ ପାରିବେ ।

**ରକ୍ତହୀନତା :** ଏଥିରେ ଭିଟାମିନ୍ ବି ୧୨, ଆଇରନ ଓ ଫଲିକ ଏସିଡ ରହିଥାଏ, ଯାହାକି ଲାଲ ରକ୍ତ କଣିକାର ଉତ୍ପାଦନରେ ସହାୟତା କରିଥାଏ । ଏହାକୁ ଖାଇବା ଫଳରେ ରକ୍ତ କମି ପୂରଣ ହୋଇଥାଏ । ଏମିତିରେ ଯଦି ଆପଣଙ୍କୁ ଆନେମିଆର ଭୟ ରହିଛି ତେବେ ଡାଏଟରେ କର୍ଣ୍ଣକୁ ନିଶ୍ଚୟ ସାମିଲ କରନ୍ତୁ ।

**ଏନର୍ଜୀ ବୁଷ୍ଟର :** ମକାରେ ଜଟିଳ କାର୍ବ୍ସ କମ୍ପ୍ଲେକ୍ସ ଷ୍ଟାର୍ଚସ ରହିଥାଏ । ଯାହାକି ଶରୀରକୁ ଦୀର୍ଘ ସମୟ ଶକ୍ତି ପ୍ରଦାନ କରିଥାଏ । ଏଥିପାଇଁ ମକା ସାଲାଡକୁ ବ୍ରେକଫାଷ୍ଟରେ ସାମିଲ କରନ୍ତୁ ।

**ହେଲଦୀ ସ୍କିନ୍ :** କର୍ଣ୍ଣରେ ଭିଟାମିନ୍ ସି' ଓ ଲାଇକୋପିନ୍ ରହିଛି ଯାହା ତ୍ୱଚାକୁ ସୁସ୍ଥ ରଖିଥାଏ । ଆପଣ ତ୍ୱଚାରେ ମକା ଷ୍ଟାର୍ଚ ଓ ମକା ତେଲ ମଧ ଲଗାଇ ପାରିବେ ।

**ଓଜନ କମ୍ କରେ :** ଯଦି ଆପଣ ଓଜନ ବଢ଼ାଇବାକୁ ଚାହୁଁଛନ୍ତି ତେବେ ମକା ଆପଣଙ୍କୁ ସହାୟତା କରିବ । ଏଥିରେ ପ୍ରଚୁର ପରିମାଣର କ୍ୟାଲୋରି ରହିଛି । ତା' ଛଡ଼ା ଆପଣଙ୍କ ଓଜନ କମ୍ କରିବାରେ ମଧ ମକା ସହାୟକ ହୋଇଥାଏ ।

**କୋଲେଷ୍ଟେରଲ ନିୟନ୍ତ୍ରଣ :** ମକ୍କାରେ ଭିଟାମିନ୍ ସି' କ୍ୟାରୋଟିନାଏଡ ଓ ଫାଇବର ରହିଥାଏ, ଯାହାକି ଶରୀରରେ କୋଲେଷ୍ଟେରଲ ଲେବଲକୁ କମ୍ କରି ରକ୍ତ କୋଷିକାକୁ ସଫା କରିଥାଏ ଓ ହୃଦୟକୁ ସଠିକ୍ ଭାବେ କାମ କରିବାରେ ସହାୟକ ହୋଇଥାଏ ।

**କ୍ୟାନସରରୁ ରକ୍ଷା :** ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଫ୍ଲେବୋନଏଡ୍ ଗୁଣ ରହିଛି, ଯାହାକି କ୍ୟାନସର ଭଳି ଗମ୍ଭୀର ରୋଗର ଆଶଙ୍କାକୁ କମ୍ କରିଥାଏ ।

## ଆପଣ ଜାଣନ୍ତି କି ?

- ଝିଣ୍ଟିକା ପ୍ରଜାତିର ଛୋଟ ପୋଚ ପୃଥିବୀର ପ୍ରାୟ ସବୁ ଜାଗାରେ ଦେଖିବାକୁ ମିଳିଥାନ୍ତି ।
- ପୃଥିବୀରେ ୧୧,୦୦୦ ରୁ ଅଧିକ ପ୍ରଜାତିର ଝିଣ୍ଟିକା ଦେଖାଯାଆନ୍ତି । ସେମାନେ ଘାସ ପଡିଆ, ବୁଦୁବୁଦିକିଆ ଅଞ୍ଚଳ ତଥା ଘଞ୍ଚ ଜଙ୍ଗଲରେ ବାସ କରନ୍ତି ।
- ସାଧାରଣ ଝିଣ୍ଟିକା ୨ ଇଞ୍ଚ ଲମ୍ବର ହୋଇଥାନ୍ତି । ତେବେ କେତେକ ପ୍ରଜାତିର ଝିଣ୍ଟିକା ୫ ଇଞ୍ଚ ଲମ୍ବରେ ବି ହୋଇପାରନ୍ତି ।
- ଏମାନେ ତୃଣଭୋଜୀ ଅଟନ୍ତି । ସେମାନେ ଘାସ, ପତ୍ର, ତାଳ ଇତ୍ୟାଦି ଖାଇଥାଆନ୍ତି ।
- ସେମାନଙ୍କର ୩ ଯୋଡା ବା ୬ ଟି ଗୋଡ ଥାଏ ।
- ଝିଣ୍ଟିକା ପଛ ଦୁଇଟି ଗୋଡ ସାହାଯ୍ୟରେ ଅଧିକ ଉଚ୍ଚା ଏବଂ ଦୂର ପର୍ଯ୍ୟନ୍ତ ଡେଇଁପାରନ୍ତି ।
- ଝିଣ୍ଟିକାର ପାଞ୍ଚଟି ଆଖି ଥାଏ । ପ୍ରତ୍ୟେକ ଆଖି ହଜାର ହାଜର ଛୋଟ ଲେନ୍ସର ସମାହାରରେ ତିଆରି ହୋଇଥାଏ ।
- ଝିଣ୍ଟିକାର କାନ ନ ଥାଏ । ତେବେ ଟିମ୍ପାନମ୍ ଅଙ୍ଗ ସାହାଯ୍ୟରେ ସେ ଶବ୍ଦ ବାରିପାରେ ।
- ଶତ୍ରୁ ଆକ୍ରମଣୁ ନିଜକୁ ରକ୍ଷା କରିବା ପାଇଁ ଝିଣ୍ଟିକା ଏକ ମାଟିଆ ରଙ୍ଗର ତରଳ ପାଟିରୁ ବାହାର କରିଥାନ୍ତି ବୋଲି ବୈଜ୍ଞାନିକମାନଙ୍କ ମତ ।
- ନିଜର ଦୁଇ ଶୁଣ୍ଢ ସାହାଯ୍ୟରେ ସେମାନେ ପାରିପାର୍ଶ୍ୱିକ ପରିସ୍ଥିତି ସମ୍ପର୍କରେ ଜାଣିପାରନ୍ତି ।
- ପୁରୁଷ ଝିଣ୍ଟିକାମାନଙ୍କୁ ଆକର୍ଷିତ କରିବା ପାଇଁ ଧ୍ୱନି ସୃଷ୍ଟି କରିଥାଆନ୍ତି ।
- ପଙ୍ଗପାଳ ପରି କିଛି ପ୍ରଜାତିର ଝିଣ୍ଟିକା ଦଳ ଦଳ ହୋଇ ବୁଲନ୍ତି ଏବଂ ସେମାନେ ପ୍ରାୟ ସବୁକିଛି ଖାଇଯାଆନ୍ତି । ସେମାନଙ୍କ ଯୋଗୁଁ ଖୁବ୍ ଫସଲ ନଷ୍ଟ ହୋଇଥାଏ ।

# ରୋଗ ପ୍ରତିରୋଧକାରୀ ଗଙ୍ଗଶିଉଳି

**ଗ**ଙ୍ଗଶିଉଳି ପତ୍ର ୮-୧୦ଟି ଭଲ ଭାବରେ ଛେଚିକରି ୪/୫ କପ୍ ପାଣିରେ ସିଝାଇ ସେହି ପାଣି ମରି ମରି ଏକ କପ୍ ହେଲେ ଓହ୍ଲାଇ ଛାଣିନେବ ଏବଂ ଜଳକୁ ସକାଳ ଓ ସନ୍ଧ୍ୟାରେ ଦୁଇଥର ୭/୮ ଦିନ ପିଇଲେ ସାଇଟିକା, ବାତ ଯନ୍ତ୍ରଣା ଉପଶମ ହୁଏ । ଏହି ଔଷଧଟି ଚାଣକ୍ୟ, ଚନ୍ଦ୍ରଗୁପ୍ତଙ୍କ ଠାରେ ପ୍ରୟୋଗ କରିଥିଲେ । ଶିଉଳି ଗଛ ଛେଲିର ଗୁଣ୍ଡକୁ ଦେଢ଼ଗ୍ରାମ ନେଇ ସକାଳ ଓ ସନ୍ଧ୍ୟାରେ ଗରମ ପାଣି ସହ କିଛିଦିନ ଖାଇଲେ ଶରୀରର ଅତିରିକ୍ତ ମେଦ କମିଯାଏ । ମୂର୍ଚ୍ଛା ରୋଗ ଆରମ୍ଭ ସମୟରେ ୨ ଚାମଚ ଶିଉଳି ପତ୍ର ରସ ଅଳ୍ପ ଗରମ କରି ଦୁଇବେଳା ଖାଇଲେ ଉପକାର ମିଳେ । ତେବେ ରୋଗ ଯଦି ଅନେକ ଦିନର ହୁଏ ତେବେ ଉପକାର ନ



ମିଳିପାରେ । ପେଟ ଖରାପ ଅଥଚ ପେଟ ଭଲ ଭାବରେ ପରିଷ୍କାର ହେଉନାହିଁକି ? ଏହି ଅବସ୍ଥାରେ ୨ ଚାମଚ ଶିଉଳି ପତ୍ର ରସ ସନ୍ଧ୍ୟା ଓ ସକାଳେ ସାମାନ୍ୟ ଉଷୁମ ପାଣିରେ ୨/୩ ଦିନ ଖାଇଲେ ପେଟ ପରିଷ୍କାର ହେବ ଏବଂ ଶରୀରର ଅସ୍ୱସ୍ତିଭାବ କମିଯିବ । ଦୁଇ ଚାମଚ ଶିଉଳି ପତ୍ର ରସ ଅଳ୍ପ ଗରମ କରି ସକାଳେ ଓ ସନ୍ଧ୍ୟାରେ ୨ ଥର ଖାଇଲେ କୃମିର ଉପଦ୍ରବ କମେ ଏବଂ କୃମି ବାହାରିଯାଏ ।

# ସ୍ୱାସ୍ଥ୍ୟ ପାଇଁ ଭଲ ଲିଚୁ

**ଲି**ଚୁ କୋଳି ଦେଖିବାକୁ ଯେପରି ସୁନ୍ଦର, ଖାଇବାକୁ ସେପରି ସ୍ୱାଦିଷ୍ଟ । ଖରାଦିନେ ଏହି କୋଳିର ଚାହିଦା ବି ରହିଛି । ପେଟକୁ ଥଣ୍ଡା ଆଉ ଶରୀର ପାଇଁ ମଧ ପୁଷ୍ଟିକର । କେହି କେହି ଏହାକୁ ଫଳଙ୍କ ମଧରେ ରାଣୀ ବୋଲି କହିଥାନ୍ତି । ପିଲାଠାରୁ ବଡ଼ ଯାଏଁ ସମସ୍ତଙ୍କ ପାଇଁ ଏହା ଏକ ପସନ୍ଦଯୋଗ୍ୟ ଫଳ । ଏଥିରୁ କାର୍ବୋହାଇଡ୍ରେଟ୍, ଭିଟାମିନ୍ ସି, ଭିଟାମିନ୍ ଏ ଏବଂ ବି-କମ୍ପ୍ଲେକ୍ସ, ପୋଟାସିୟମ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସ୍ଫରସ୍, ଲୌହ ପରି ଖଣିଜ ଲବଣ ମିଳିବା ସହ ଏହା ଶରୀରକୁ ସୁସ୍ଥ ରଖିଥାଏ ।



ଲିଚୁରେ ଥିବା ପୋଟାସିୟମ୍ ଏବଂ ତମ୍ବା ହୃଦରୋଗରୁ ରକ୍ଷା କରିଥାଏ । ଏହା ହୃଦ୍‌ସ୍ପନ୍ଦନର ଅନିୟମିତତା ଦୂର କରି ସ୍ୱାଭାବିକ କରିଥାଏ । ରକ୍ତଚାପକୁ ନିୟନ୍ତ୍ରିତ ରଖିଥାଏ । ତେଣୁ ହୃଦଘାତର ସମ୍ଭାବନା ହ୍ରାସ ପାଇଥାଏ । ଏଥିରୁ ମିଳୁଥିବା କ୍ୟାଲସିୟମ୍, ଫସ୍ଫରସ ଏବଂ ମ୍ୟାଗ୍ନେସିୟମ୍ ପିଲାମାନଙ୍କ ବିକାଶ ପାଇଁ ଖୁବ୍ ଆବଶ୍ୟକ । ଏହା ଅଷ୍ଟିଓପୋରୋସିସ୍ ପରି ହାଡ଼ର ସମସ୍ୟାକୁ ଦୂର କରେ ।

ଗବେଷଣାରୁ ଜଣାଯାଇଛି ଯେ, ଭିଟାମିନ୍ ସି'ରେ ଭରପୁର ଲିଚୁରେ କର୍କଟ (ବିଶେଷ କରି ସ୍ତନ କର୍କଟ) ପ୍ରତିରୋଧୀ ତତ୍ତ୍ୱ ଭରି ରହିଛି । ଏହାର ନିୟମିତ ସେବନ ଦ୍ୱାରା ଶରୀରରେ କର୍କଟ କୋଷିକାଗୁଡିକ ଆଉ ବୃଦ୍ଧି ପାଏ ନାହିଁ । ଲିଚୁରେ ମଧ ରହିଛି ଆଣ୍ଟିଅକ୍ସିଡାଣ୍ଟ । ଏଥିରେ ଥିବା ଭିଟାମିନ୍ ସି' ଆମ ଶରୀରର ରକ୍ତ କୋଷିକାର ନିର୍ମାଣ ସହ ଲୌହ ଅବଶୋଷଣରେ ସହାୟତା କରିଥାଏ ।

ଲିଚୁରେ ଥିବା ବିଟା କେରୋଟିନ୍, ରାଇବୋଫ୍ଲୋବିନ୍, ନିୟାସିନ୍ ଏବଂ ଫୋଲେଟ୍ ପରି ଭିଟାମିନ୍ ବି' ଲାଲ୍ ରକ୍ତକୋଷିକାର ନିର୍ମାଣ ସହ ସୁସ୍ଥ ପାଚନ ପ୍ରକ୍ରିୟା ପାଇଁ ଆବଶ୍ୟକ । ଫୋଲେଟ୍ ଆମ ଶରୀର କୋଲେଷ୍ଟରଲ୍ ସ୍ତରକୁ ନିୟନ୍ତ୍ରିତ ରଖିଥାଏ ।

ଏଥିରେ ଥିବା ଫାଇବର ମେଦ ବହୁଳତା ହ୍ରାସ କରେ । ଫାଇବର ଆମର ଖାଦ୍ୟକୁ ଜୀର୍ଣ୍ଣ କରିବାରେ ସହାୟତା କରିଥାଏ । ଏହା ଶରୀରକୁ ସଂକ୍ରାମକ ରୋଗରୁ ରକ୍ଷା କରିବା ସହ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ ।

# ମଧୁମେହର ମହୌଷଧି ତେଜପତ୍ର

**ଅ**ନେକଙ୍କର ଧାରଣା, ତେଜପତ୍ର କେବଳ ବ୍ୟଞ୍ଜନ ପ୍ରସ୍ତୁତିରେ ବ୍ୟବହୃତ ହୁଏ । କିନ୍ତୁ ପ୍ରକୃତ କଥା ହେଉଛି, ତେଜପତ୍ରରେ ଔଷଧୀୟ ଗୁଣ ଭରପୁର ହୋଇ ରହିଛି । ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ, କପର୍, ପଟାସିୟମ୍, କ୍ୟାଲସିୟମ, ସେଲୋନିୟମ ଓ ଆଇରନ୍ ଭରପୁର ରହିଛି । ଏ ସମସ୍ତ ଭିଟାମିନ୍, ପ୍ରୋଟିନ୍ ମଣିଷ ଶରୀରକୁ ସୂଚାରୁରୂପେ ସଞ୍ଚାଳନ ନିମନ୍ତେ ଜରୁରୀ । କିନ୍ତୁ ସବୁଠାରୁ ବଡ଼ କଥା, ଏହି ତେଜପତ୍ରରେ ଥିବା ଭିଟାମିନ୍ ପ୍ରୋଟିନ୍ ମଧୁମେହ ଭଳି ଦୁରାରୋଗ୍ୟ ରୋଗକୁ ଭଲ କରିବାରେ ରାମବାଣ ପରି କାମ କରିଥାଏ । ଜୀବନଶୈଳୀରେ



ପରିବର୍ତ୍ତନ ଯୋଗୁଁ ହେଉ ବା ବଂଶାନୁକ୍ରମିକ, ମଧୁମେହର ଶିକାର ହୋଇଥାଉ । ଯଦ୍ୱାରା ଅନେକ ଯନ୍ତ୍ରଣା ଭୋଗିବାକୁ ପଡେ । କିନ୍ତୁ ଏଥିରୁ ରକ୍ଷା ପାଇବାକୁ ତେଜପତ୍ରର ଉପଯୋଗ ଦ୍ୱାରା ମଧୁମେହକୁ ନିୟନ୍ତ୍ରଣରେ ରଖିହେବ । ପ୍ରତିଦିନ ସକାଳେ ଅବା ସନ୍ଧ୍ୟାରେ ଉଷୁମ ପାଣିରେ ତେଜପତ୍ର ପକାଇ ପିଇଲେ ସୁଫଳ ମିଳିଥାଏ ।

## କହିପାରିବେ କି ?

(୧) ବିଶ୍ୱର ସବୁଠାରୁ ବଡ଼ ଟ୍ରି ହାଉସ୍ କେଉଁଠାରେ ଅଛି ?
(୨) ଶାନ୍ତିର ପ୍ରତୀକ କାହାକୁ କୁହାଯାଏ ?
(୩) ସଂସ୍କୃତିର ପ୍ରତୀକ କିଏ ?
(୪) କ୍ରାନ୍ତି ଏବଂ ବିପଦର ସଂକେତ କାହାକୁ କୁହାଯାଏ ?
(୫) ବିରୋଧ ପ୍ରଦର୍ଶନର ପ୍ରତୀକ କେଉଁ ରଙ୍ଗର ପତାକାକୁ କୁହାଯାଏ ?
(୬) ପ୍ରଗତିର ପ୍ରତୀକ କାହାକୁ କୁହାଯାଏ ?
(୭) ନ୍ୟାୟର ପ୍ରତୀକ କ'ଣ ?
(୮) ପରିବାର ନିୟୋଜନର ପ୍ରତୀକ କେଉଁଟି ?
(୯) ବିରୋଧ ବା ଦୁଃଖର ପ୍ରତୀକ କାହାକୁ କୁହାଯାଏ ?
(୧୦) ଯାନ ବାହନ ରହିବା ଏବଂ ବିପଦର ସଂକେତ କ'ଣ ?

**JUMBLE WORDS**

| | | | |
|---|---|---|---|
| 1) SEGSU | = | 6) HLOSS | = |
| 2) NUMDO | = | 7) DTREVI | = |
| 3) TTPIEE | = | 8) SATHAM | = |
| 4) SIWAGJ | = | 9) CLSYP | = |
| 5) PRWIE | = | 10) CGEOK | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.କୋଲ ମାଇନ୍ସ, ୨.ଧୂସର ନାଲି, ୩.ବ୍ୟାକ୍ଟେରିଆ, ୪.ଅହମ୍ମଦାବାଦ, ୫.ନାଇଟ୍ରୋ ଗ୍ଲିସେରିନ୍, ୬.ଚୀନ, ୭.ଏସିଆ, ୮.ବ୍ରାସିକା ଓଲେରାସିଆ, ୯.ପ୍ଲିନି ଦି ଏଲ୍‌ଡର୍, ୧୦.ସବୁଜ ।

***Jumble Words*** ର ଉତ୍ତର **:-**

(1) GRIMLY (2) IGUANA (3) YUCKY (4) DIMLY (5) UPROAR
(6) CANOLA (7) HUMAN (8) GUIDE (9) SIDING (10) HINDER

# ଦେଶ 'ଜନ ସେବା ହିଁ ପ୍ରଭୁ ସେବା'... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଖଣିଜ ସମ୍ପଦ ଭରା ରାଜ୍ୟ ଓଡିଶା ରେଳ ଲାଇନର ବିଦ୍ୟୁତିକରଣ ଦ୍ୱାରା ବହୁ ଲାଭବାନ ହେବ ଯେଉଁଠାରେ ଡିଜେଲ ଇଞ୍ଜିନରୁ ପ୍ରଦୂଷଣ ବହୁ ମାତ୍ରାରେ ହ୍ରାସ ପାଇବ ଏବଂ ରାଜ୍ୟର ଶିଳ୍ପ ବିକାଶରେ ସହାୟକ ହେବ ।

ସେ କହିଛନ୍ତି ଯେ, ଭିତ୍ତିଭୂମି କେବଳ ଲୋକଙ୍କ ଜୀବନକୁ ସହଜ କରେ ନାହିଁ ବରଂ ସମାଜକୁ ସଶକ୍ତ କରିଥାଏ । ଯେଉଁଠାରେ ଭିତ୍ତିଭୂମି ଅଭାବ ରହିଛି ସେଠାରେ ଲୋକଙ୍କ ବିକାଶ ପଛରେ ପଡିଛି । ଯେତେବେଳେ ଭିତ୍ତିଭୂମି ବିକଶିତ ହୁଏ, ସେତେବେଳେ ଲୋକମାନଙ୍କର ଦ୍ରୁତ ବିକାଶ ଏକ ସମୟରେ ହୋଇଥାଏ । ବିକାଶମୂଳକ ପଦକ୍ଷେପକୁ ଆଲୋକପାତ କରି ପ୍ରଧାନମନ୍ତ୍ରୀ ପିଏମ୍ ସୌଭାଗ୍ୟ ଯୋଜନାର ଉଦାହରଣ ଦେଇଛନ୍ତି ଯେଉଁଠାରେ ସରକାର ୨.୫ କୋଟିରୁ ଅଧିକ ପରିବାରକୁ ମାଗଣାରେ ବିଦ୍ୟୁତ ସଂଯୋଗ ଯୋଗାଇ ଦେଇଛନ୍ତି ଯେଉଁଥିରେ ଓଡିଶାର ପ୍ରାୟ ୨୫ ଲକ୍ଷ ଘର ଏବଂ ପଶ୍ଚିମବଙ୍ଗର ୭.୨୫ ଲକ୍ଷ ଘର ରହିଛି । ଦେଶର ବିମାନ ବନ୍ଦର ସଂଖ୍ୟା ଆଜି ୭୫ ରୁ ୧୫୦ କୁ ବୃଦ୍ଧି ପାଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭିଭିଭୂମି କ୍ଷେତ୍ରରେ ଭାରତର ସଫଳତା ଆଜି ଅଧ୍ୟୟନର ବିଷୟ । ଯେତେବେଳେ ଭିତ୍ତିଭୂମି ପାଇଁ ୧୦ ଲକ୍ଷ କୋଟି ଆବଣ୍ଟନ କରାଯାଏ, ତାହା ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରେ ଏବଂ ରେଳପଥ ଓ ରାଜପଥ ସଂଯୋଗ, ଯାତାୟତରେ ସୁଗମତା ଏବଂ କୃଷକମାନଙ୍କୁ ନୂତନ ବଜାର, ପର୍ଯ୍ୟଟକଙ୍କ ପାଇଁ ନୂତନ ଆକର୍ଷଣ ଏବଂ ସେମାନଙ୍କ ପସନ୍ଦ କଲେଜ ସହିତ ଛାତ୍ରମାନଙ୍କୁ ସଂଯୋଗ ମଧ କରିଥାଏ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶ 'ଜନ ସେବା ହିଁ ପ୍ରଭୁ ସେବା" ର ଆବେଗ ସହିତ ଗତି କରୁଛି - ଲୋକଙ୍କ ସେବା ହେଉଛି ଈଶ୍ୱରଙ୍କ ସେବା । ସେ ଜଗନ୍ନାଥ ପରି ମନ୍ଦିର ଏବଂ ପୁରୀ ପରି ତୀର୍ଥସ୍ଥାନ ବିଷୟରେ ଉଲ୍ଲେଖ କରିଛନ୍ତି ଯେଉଁଠାରେ ପ୍ରସାଦ ଶତାବ୍ଦୀ ଧରି ବଣ୍ଟନ କରାଯାଇଆସୁଛି ଏବଂ ହଜାର ହଜାର ଗରିବ ଲୋକଙ୍କୁ ଖାଇବାକୁ ଦିଆଯାଉଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ ଯୋଗାଇବା ଏବଂ ଆୟୁଷ୍ମାନ କାର୍ଡ, ଉଜ୍ଜ୍ୱଳା, ଜଳ ଜୀବନ ମିଶନ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଯୋଜନା ରହିଛି । ଆଜି ଗରିବମାନେ ସେହି ସମସ୍ତ ମୌଳିକ ସୁବିଧା ପାଇଛନ୍ତି ଯେଉଁଥିପାଇଁ ସେମାନଙ୍କୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଥିଲା । ଭାରତର ଦ୍ରୁତ ବିକାଶ ପାଇଁ ରାଜ୍ୟଗୁଡିକର ସନ୍ତୁଳିତ ବିକାଶ ମଧ ସମାନ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମ୍ବଳ ଅଭାବ ହେତୁ ବିକାଶ ଦୌଡ଼ରେ କୌଣସି ରାଜ୍ୟ ପଛରେ ପଡ଼ିବ ନାହିଁ । ସେଥିପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି, ୧୫ ତମ ଅର୍ଥ କମିଶନ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟ ପାଇଁ ଅଧକ ବଜେଟ୍ ସୁପାରିଶ କରିଥିଲେ । ଓଡ଼ିଶା ନିଜ ପ୍ରାକୃତିକ ସମ୍ପଦର ଆଶୀର୍ବାଦ ପ୍ରାପ୍ତ ହୋଇଛି କିନ୍ତୁ ତ୍ରୁଟିପୂର୍ଣ୍ଣ ନୀତି ହେତୁ ନିଜ ସମ୍ବଳରୁ ବଞ୍ଚିତ ହୋଇଛି । ଖଣିଜ ସମ୍ପଦକୁ ଦୃଷ୍ଟିରେ ରଖି ସରକାର ଖଣି ନୀତିରେ ସଂସ୍କାର ଆଣିଛନ୍ତି ଯାହା ଦ୍ୱାରା ସମସ୍ତ . ଯଥେଷ୍ଟ ବୃଦ୍ଧି ପାଇଛି । ଜିଏସଟି ଲାଗୁ ହେବା ପରେ ଖଣିଜ ସମ୍ପଦ ଥିବା ରାଜ୍ୟଗୁଡିକର ଟିକସ ଆୟ ମଧ ବୃଦ୍ଧି ପାଇଛି । ରାଜ୍ୟର ବିକାଶ ତଥା ଗ୍ରାମରେ ଗରିବ ଲୋକଙ୍କ ସେବା ପାଇଁ ଏହି ସମ୍ବଳ ବ୍ୟବହାର କରାଯାଉଛି । ଓଡ଼ିଶା କିଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରିପାରିବ ସେଥିପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଧାନ ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିପର୍ଯ୍ୟୟ ପରିଚାଳନା ତଥା ଏନଡିଆରଏଫ ପାଇଁ ସରକାର ରାଜ୍ୟକୁ ୮ ହଜାର କୋଟିରୁ ଅଧିକ ଟଙ୍କା ଯୋଗାଇ ଦେଇଛନ୍ତି ।



ଏହି ଉତ୍ସବରେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।

# ଅଚଳ ହେବ...(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଉଦ୍ଦେଶ୍ୟ ପୂରଣ ହେବା ପରେ ୨୦୧୮- ୧୯ରେ ଏହି ବଡ଼ ମୂଲ୍ୟାଙ୍କ ନୋଟ୍‌ର ଛପାକୁ ବନ୍ଦ କରାଯାଇଥିଲା । ସାଧାରଣତଃ ଏହି ନୋଟ୍‌ର ଜୀବନକାଳ ୪ରୁ ୫ ବର୍ଷ ବୋଲି ଆରବିଆଇ କହିଛି । ୨୦୧୭ ମାର୍ଚ୍ଚ ପୂର୍ବରୁ ୮୯% ୨୦୦୦ ଟଙ୍କିଆ ନୋଟ୍ ଜାରି କରାଯାଇଥିଲା । ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ବଜାରରେ ମୋଟ ୬.୭୩ ଲକ୍ଷ କୋଟି ଟଙ୍କା ସର୍କୁଲେସନରେ ଥିବା ନୋଟ୍ ଗୁଡ଼ିକର ୩୭.୩ ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ଥିବାବେଳେ ୨୦୨୩ ମାର୍ଚ୍ଚ ୩୧ରେ ଏହା ୩.୬୨ ଲକ୍ଷ କୋଟି ଟଙ୍କା ସର୍କୁଲେସନରେ ଥିବା ନୋଟ୍ ଗୁଡ଼ିକର ମାତ୍ର ୧୦.୮%)କୁ ଖସିଆସିଛି । ବର୍ତ୍ତମାନ ଏହାର ସେଭଳି ବ୍ୟବହାର ନ ଥିବା ଆର୍‌ବିଆଇ ହୃଦୟଙ୍ଗମ କରିଛି । ଲୋକଙ୍କ କରେନ୍ସି ଆବଶ୍ୟକତାକୁ ପୂରଣ କରିବା ପାଇଁ ବଜାରରେ ପର୍ଯ୍ୟାପ୍ତ ଅନ୍ୟ ମୂଲ୍ୟାଙ୍କ ନୋଟ୍ ଉପଲବ୍ଧ ଅଛି । ଉଦ୍ଦେଶ୍ୟ ପୂରଣ ହୋଇଥିବାରୁ ତଥା 'କ୍ଲିନ୍ ମେଟ୍ ପଲିସି'କୁ ଧ୍ୟାନ ଦେଇ ଆର୍‌ବିଆଇ ୨୦୦୦ ଟଙ୍କିଆ ନୋଟ୍‌କୁ ପ୍ରତ୍ୟାହାର କରିବା ପାଇଁ ନିଷ୍କରି ନେଇଥିବା ପ୍ରକାଶ କରିଛି । ସୂଚନାଯୋଗ୍ୟ, ୨୦୧୩- ୧୪ରେ ଅରବିଆଇ ସମାନ ଧରଣର ଏକ ନୋଟ ପ୍ରତ୍ୟାହାର ପଦକ୍ଷେପ ଗ୍ରହଣ କରିଥିଲା । ଯଦିଓ ଆରବିଆଇ ୨୦୦୦ ଟଙ୍କିଆ ନୋଟ୍‌କୁ ଏବେ ଅଚଳ କରିନାହିଁ ତଥାପି ବେପାରୀମାନେ ଏହାକୁ ନେବା ପାଇଁ କୁଣ୍ଠାବୋଧ କରିପାରନ୍ତି । ତେଣୁ ଏହାକୁ ବ୍ୟାଙ୍କରେ ବଦଳ କରିଦେବା ଶ୍ରେୟସ୍କର ହେବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ।

# ପ୍ରତିରକ୍ଷା ଉତ୍ପାଦନ ପ୍ରଥମ ଥର ପାଇଁ ୧ ଲକ୍ଷ କୋଟି ଟଙ୍କାର ମାଇଲଖୁଣ୍ଟ ଅତିକ୍ରମ କରିଛି

ଭୁବନେଶ୍ୱର: ପ୍ରତିରକ୍ଷା ମନ୍ତ୍ରଣାଳୟର ନିରନ୍ତର ପ୍ରୟାସର ପରିଣାମ ସ୍ୱରୂପ, ୨୦୨୨ -୨୩ ଆର୍ଥିକ ବର୍ଷ (ଏଫ୍‌ୱାଇ)ରେ ପ୍ରତିରକ୍ଷା ଉତ୍ପାଦର ମୂଲ୍ୟ ପ୍ରଥମ ଥର ପାଇଁ ଏକ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ବର୍ତ୍ତମାନ ପ୍ରତିରକ୍ଷା ମୂଲ୍ୟ ୧,୦୬,୮୦୦ କୋଟି ଟଙ୍କା ରହିଛି ଏବଂ ଅବଶିଷ୍ଟ ଘରୋଇ ପ୍ରତିରକ୍ଷା ଶିଳ୍ପରୁ ତଥ୍ୟ ଆସିବା ପରେ ଏହାର ପରିମାଣ ଆହୁରି ବୃଦ୍ଧି ପାଇବ । ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ସଂଖ୍ୟା ୯୫,୦୦୦ କୋଟି ଟଙ୍କା ଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ବର୍ତ୍ତମାନର ପ୍ରତିରକ୍ଷା ଉତ୍ପାଦନର ମୂଲ୍ୟରେ ୧୨% ଅଭିବୃଦ୍ଧି ଘଟିଛି ।

ସରକାର କ୍ରମାଗତ ଭାବରେ ପ୍ରତିରକ୍ଷା ଶିଳ୍ପ ଏବଂ ସେମାନଙ୍କ ସଙ୍ଗଠନ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡିକୁ ଦୂର କରିବା ଏବଂ ଦେଶରେ ପ୍ରତିରକ୍ଷା ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କ ସହିତ କାର୍ଯ୍ୟ କରୁଛନ୍ତି । ଯୋଗାଣ ଶୃଙ୍ଖଳରେ ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟ ଅପର ଏକୀକରଣ ସମେତ ବ୍ୟବସାୟ କରିବାର ସହଜ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଅନେକ ନୀତିଗତ ସଂସ୍କାର ଗ୍ରହଣ କରାଯାଇଛି ।

ଏହି ନୀତି ଯୋଗୁଁ, ପ୍ରତିରକ୍ଷା ଡିଜାଇନ୍, ବିକାଶ ଏବଂ ଉତ୍ପାଦନ କ୍ଷେତ୍ରକୁ ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟ ଅପ୍ ସହିତ ଅନେକ ଉଦ୍ୟୋଗ ଆଗେଇ ଆସୁଛନ୍ତି ଏବଂ ଗତ ୭ - ୮ ବର୍ଷ ମଧ୍ୟରେ ଉଦ୍ୟୋଗ ଗୁଡିକୁ ପ୍ରଦାନ କରା ଯାଇଥିବା ପ୍ରତିରକ୍ଷା ଲାଇସେନ୍ସ ସଂଖ୍ୟାରେ ପ୍ରାୟ ୨୦୦ ପ୍ରତିଶତ ବୃଦ୍ଧି ଘଟିଛି । ସରକାରଙ୍କ ଦ୍ୱାରା ନିଆ ଯାଇଥିବା ଏହି ପଦକ୍ଷେପ ଗୁଡିକ ଦେଶରେ ପ୍ରତିରକ୍ଷା ଶିଳ୍ପ ଉତ୍ପାଦନ କ୍ଷେତ୍ରର ପାରିବେଶିକ ବ୍ୟବସ୍ଥାକୁ ବୃଦ୍ଧି କରିଛି ଏବଂ ବହୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ।

# ସମ୍ବଲପୁର ଶୀତଳଷଷ୍ଠୀ ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ

ସମ୍ବଲପୁର : ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ପାଇଁ ଚଳିତ ବର୍ଷ ରାଜ୍ୟ ସରକାର ନନ୍ଦପଡ଼ା, ଝାଡୁଆପଡ଼ା ଓ ମୁଦିପଡ଼ା ଯାତ୍ରା କମିଟିକୁ ୩୫ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି । ଏହାଛଡ଼ା ସମ୍ବଲପୁର ଏବଂ ବୁର୍ଲା ସହରର ୭ଟି ଛୋଟ ଛୋଟ କମିଟିକୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଘୋଷଣା କରାଯାଇଛି । ସେହି କମିଟି ଗୁଡିକ ହେଲା- କପିଳେଶ୍ୱର ବାବା ମନ୍ଦିର କୁଳୁତକାନି, ବାଲିବନ୍ଧା ସୋମନାଥ ବାବା ମନ୍ଦିର, ଗୁଡେଶ୍ୱର ବାବା ଦୁର୍ଗାପାଲି, ଶଙ୍କର ମଠ ଭତ୍ରା, ରାମେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ସାଲିଆବଗିଚା କୁମ୍ଭାରପଡା, ତାରକେଶ୍ୱର ବାବା ସିନ୍ଦୁରପଙ୍କ ଏବଂ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ବୁର୍ଲା ।

# ୨୬ରେ ଶୀତଳଷଷ୍ଠୀ ପାଇଁ ସ୍ଥାନୀୟ ଛୁଟି ଘୋଷଣା

ସମ୍ବଲପୁର: ବିଶ୍ୱ ପ୍ରସିଦ୍ଧ ଶୀତଳଷଷ୍ଠୀ ଅବସରରେ ଚଳିତ ବର୍ଷ ଆସନ୍ତା ୨୬ ତାରିଖ ସ୍ଥାନୀୟ ଛୁଟି ହେବ । ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟରୁ ଜାରି ଚିଠିରେ ଏହି ଘୋଷଣା କରାଯାଇଛି । ସମ୍ବଲପୁର ସଦର ଉପଖଣ୍ଡରେ ଶୀତଳଷଷ୍ଠୀ ପାଇଁ ୨୬ ତାରିଖ (ଶୁକ୍ରବାର), କୁଚିଣ୍ଡା ଉପଖଣ୍ଡ ଅଞ୍ଚଳ ପାଇଁ ବିଜୟା ଦଶମୀ ପାଇଁ ୨୫ ଅକ୍ଟୋବର (ବୁଧବାର) ଏବଂ ରେଢ଼ାଖୋଲ ଉପଖଣ୍ଡ ଅଞ୍ଚଳରେ ରାସପୂର୍ଣ୍ଣିମାର ପରଦିନ ଛାଡ଼ଖାଇ ପାଇଁ ନଭେମ୍ବର ୨୮ ତାରିଖ (ମଙ୍ଗଳବାର)କୁ ସ୍ଥାନୀୟ ଛୁଟି ରୂପେ ଘୋଷଣା କରାଯାଇଛି ।

# ସମ୍ବଲପୁର-ଟିଟିଲାଗଡ଼ ରେଳଲାଇନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ସମ୍ବଲପୁର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସର ଉଦ୍‌ଘାଟନ କରିଥିବା ବେଳେ ଏହି କ୍ରମରେ ସମ୍ବଲପୁର-ଟିଟିଲାଗଡ଼ ରେଳଲାଇନର ଶୁଭାରମ୍ଭ କରାଯାଇଥିଲା । ଏହି କ୍ରମରେ ସମ୍ବଲପୁର ରେଳଷ୍ଟେସନରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ସାଂସଦ ନୀତିଶ ଗଙ୍ଗଦେବ, ବଲାଙ୍ଗୀର ଷ୍ଟେସନ ଠାରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଓ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଷ୍ଟ ଅତିଥି ରୂପେ ସାମିଲ ହୋଇଥିଲେ । ଲୋଇସିଂହାରେ ବିଧାୟକ ଡକ୍ଟର ମୁକେଶ ମହାଲିଙ୍ଗ, ଖରିଆର ରୋଡ ଷ୍ଟେସନରେ ସାଂସଦ ବସନ୍ତ କୁମାର ପଣ୍ଡା, ଓଡ଼ିଶା ସରକାରଙ୍କ ଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ସେହିଭଳି ବଇଣ୍ଡା, ଜରପଡ଼ା, ଟିଟିଲାଗଡ଼, କଣ୍ଟାବାଞ୍ଜି, ବରଗଡ଼ ରୋଡ, ରେଢ଼ାଖୋଲ, ଭବାନୀପାଟଣା, ଜୁନାଗଡ଼ ରୋଡ, ବୌଦ୍ଧ, ଦେବଗଡ଼, ଝାରତରଭା ଓ ବିଜୁପାଲି ଷ୍ଟେସନ ଗୁଡିକରେ ମଧ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ଗୁଡିକୁ ମଣ୍ଡଳ ପ୍ରବନ୍ଧକ ବିନୀତ ସିଂ, ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ ।




## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ବିପର୍ଯ୍ୟୟ ବିପତ୍ତି ହ୍ରାସ କ୍ଷେତ୍ରରେ ରାଷ୍ଟ୍ରମାନେ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି: ପି.କେ ମିଶ୍ର

ନୂଆଦିଲ୍ଲୀ: ଯଦିଓ ସେଣ୍ଡାଇ ରୂପରେଖ ସହିତ ଏହାର ପୂର୍ବବର୍ତ୍ତୀ ହ୍ୟୋଗୋ ରୂପରେଖରେ ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ସାମଗ୍ରିକ ଭାବେ ସମ୍ପୂର୍ଣ୍ଣ ସମାଜର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଛି ତଥାପି ଏହା ସ୍ପଷ୍ଟ ଯେ ନୂଆ ବିପର୍ଯ୍ୟୟ ବିପତ୍ତି ସୃଷ୍ଟି ହେବାକୁ ବନ୍ଦ କରିବା ଏବଂ ବର୍ତ୍ତମାନର ବିପର୍ଯ୍ୟୟ ବିପତ୍ତିକୁ ହ୍ରାସ କରିବା, ଉଭୟ କ୍ଷେତ୍ରରେ ରାଷ୍ଟ୍ରମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର କହିଛନ୍ତି ।

ବିପର୍ଯ୍ୟୟ ବିପତ୍ତି ହ୍ରାସ ପାଇଁ ସେଣ୍ଡାଇ ରୂପ ରେଖର ମଧବର୍ତ୍ତୀ ସମୀକ୍ଷା କରି ଶ୍ରୀ ମିଶ୍ର କହିଛନ୍ତି ଯେ, ଉଭୟ ଜି୭ ଏବଂ ଜି୨୦ ରାଷ୍ଟ୍ରଗୋଷ୍ଠୀ ବିପର୍ଯ୍ୟୟ ବିପତ୍ତି ହ୍ରାସକୁ ପ୍ରାଥମିକତା ଦେବା କାରଣରୁ ଏହି ପ୍ରସଙ୍ଗ ଏବେ ବିଶ୍ୱ ନୀତି ନିର୍ଦ୍ଧାରଣ ପରିଦୃଶ୍ୟର ସର୍ବୋଚ୍ଚ ସ୍ତରରେ ଧ୍ୟାନ ଆକର୍ଷଣ କରୁଥିବା ସ୍ପଷ୍ଟ ହୋଇଛି । କବିଂଶ ଶତାବ୍ଦୀରେ, ବିପର୍ଯ୍ୟୟ ବିପତ୍ତି ହ୍ରାସ କ୍ଷେତ୍ରରେ ରାଷ୍ଟ୍ରମାନେ ଜଟିଳ ଆହ୍ୱାନର ସମ୍ମୁଖୀନ ହୋଇଥାନ୍ତି ।

ପ୍ରଥମତଃ ଆମେ ସମସ୍ତେ ଏହା ବିଚାର କରୁ ଯେ ରାଷ୍ଟ୍ରମାନେ ଏପରି ଏକ ଆର୍ଥିକ ବ୍ୟବସ୍ଥା ସୃଷ୍ଟି କରିବା ଦରକାର ଯାହା ଏକ ସନ୍ତୁଳିତ ମାର୍ଗରେ ବିପର୍ଯ୍ୟୟ ବିପତ୍ତି ହ୍ରାସର ସମ୍ପୂର୍ଣ୍ଣ ପରିସରକୁ ପରିଚାଳନା କରିପାରିବ । ଦୀର୍ଘ ସମୟ ଧରି ଆମେ ପ୍ରାୟତଃ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟୟ ମୁକାବିଲା, ପୁନରୁଦ୍ଧାର ଏବଂ ପୁନଃନିର୍ମାଣ ଉପରେ ଅଧିକ ଅର୍ଥ ବିନିଯୋଗ ପ୍ରତି ଧ୍ୟାନ କେନ୍ଦ୍ରିତ କରି ଆସିଛୁ । ଏବେ ବିପର୍ଯ୍ୟୟ କିପରି ପ୍ରଶମନ ଏବଂ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ନିମନ୍ତେ ଅର୍ଥଯୋଗାଣ ପ୍ରତି ଆମକୁ ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏହା କେବଳ ବହୁମାତ୍ରାରେ ସମ୍ବଳ ଉପଲବ୍ଧ କରାଇବାର ପ୍ରସଙ୍ଗ ନୁହେଁ । ଆମକୁ ମଧ କେତେକ ଜଟିଳ ସମସ୍ୟାର ମୁକାବିଲା କରିବାକୁ ପଡ଼ିଥାଏ ।

ସେ କହିଛନ୍ତି ଯେ, ବିପର୍ଯ୍ୟୟ କିପରି ହ୍ରାସ ପାଇଁ ପାଣ୍ଠି ଯୋଗାଣ କ୍ଷେତ୍ରରେ ଲମ୍ବା ଇତିହାସ



ଥିବା ଦେଶମାନେ ମଧ ଏସବୁ ସମସ୍ୟାକୁ ନେଇ ସଂଘର୍ଷ କରୁଛନ୍ତି । ଏସବୁ ସମସ୍ୟା ସମାଧାନ କରିବା ଲାଗି ଆମେ ସହଭାଗିତା ପ୍ରତିଷ୍ଠା କରିବା ସହିତ ପରସ୍ପର ଠାରୁ ଶିକ୍ଷା ଲାଭ କରିବାର ଆବଶ୍ୟକତା ରହିଛି । ଜି୨୦ କାର୍ଯ୍ୟଗୋଷ୍ଠୀ ବୈଠକ ଆସନ୍ତା ସପ୍ତାହରେ ଦ୍ୱିତୀୟ ଥର ପାଇଁ ଆୟୋଜନ କରାଯିବ ଏବଂ ସେମାନେ ସମ୍ପୂର୍ଣ୍ଣ ଗୋଟିଏ ଦିନ ପାଣ୍ଠି ଯୋଗାଣ ପ୍ରସଙ୍ଗରେ ଆଲୋଚନା କରିବେ ।

ସେହିପରି ଆଗୁଆ ଚେତାବନୀ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ରାଷ୍ଟ୍ରମାନଙ୍କ ଭୂମିକା ପରିପ୍ରେକ୍ଷୀରେ ସରକାରୀ ଘରୋଇ ଭାଗିଦାରୀର ଅବଧାରଣା ସମ୍ପର୍କରେ ଦୀର୍ଘଦିନ ଧରି ଆଲୋଚନା ହୋଇ ଆସୁଛି । ବହୁ ଘରୋଇ କ୍ଷେତ୍ରର ସଂସ୍ଥା ଏଥିରେ ସାମିଲ ହେଉଛନ୍ତି ଏବଂ ଅଧିକରୁ ଅଧିକ କ୍ଷେତ୍ର ଆଧାରିତ ଆଗୁଆ ଚେତାବନୀ ସେବା ବିକଶିତ ହେଉଥିବାରୁ ଏହି କ୍ଷେତ୍ରରେ ଆହୁରି ଅଧିକ ସଂସ୍ଥାମାନଙ୍କର ଆଗମନ ହେବାର ସମ୍ଭାବନା ରହିଛି । ଏଭଳି ସ୍ଥିତିରେ, ରାଷ୍ଟ୍ରମାନଙ୍କର ସମ୍ପୂର୍ଣ୍ଣ ହସ୍ତକ୍ଷେପକାରୀ ଭୂମିକା କ'ଣ ହେବ ? ଆମେ କ'ଣ ନିଜର ଅନୁଧ୍ୟାନ ନେଟୱର୍କକୁ ଘରୋଇ ସଂସ୍ଥାମାନଙ୍କ ହାତକୁ ଟେକି ଦେଇପାରିବା ? ସଞ୍ଚାର ପ୍ରଯୁକ୍ତି ବିକଶିତ କରିବା ଏବଂ ନିୟୋଜିତ କରିବା କ୍ଷେତ୍ରରେ ରାଷ୍ଟ୍ର କେତେ ମାତ୍ରାରେ ସମ୍ପୃକ୍ତ ରହିବା ଉଚିତ୍ । ବିପର୍ଯ୍ୟୟ ସମୟରେ ଜରୁରୀ ଆଗୁଆ ଚେତାବନୀ ସେବା ଯୋଗାଇ ଦେବା ଲାଗି ରାଷ୍ଟ୍ରମାନେ ବାଧ୍ୟତାମୂଳକ ଭାବେ ଘରୋଇ କ୍ଷେତ୍ରକୁ ଦାୟିତ୍ୱ ଦେବା ଉଚିତ୍ କି ? ଯଦି ଆମେ ବିପର୍ଯ୍ୟୟ ବିପତ୍ତିକୁ ହ୍ରାସ କରିବା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାକୁ ଚାହୁଁଛୁ, ତା'ହେଲେ ଆମକୁ ଏସବୁ ସମସ୍ୟାର ମୁକାବିଲା କରିବାକୁ ହେବ । ଏହା ଆମକୁ ଜଳବାୟୁ ପରିବର୍ତ୍ତନ ଅନୁକୂଳ ପ୍ରୟାସରେ ରାଷ୍ଟ୍ରମାନଙ୍କୁ ଅଧିକ ପ୍ରଭାବୀ କରିବାରେ ସହାୟକ ହେବ ବୋଲି ଡକ୍ଟର ମିଶ୍ର କହିଛନ୍ତି ।

## ଶୀତଳଷଷ୍ଠୀ ଦ୍ୱିତୀୟ ଶାନ୍ତି କମିଟି ବୈଠକ



ସମ୍ବଲପୁର : ସମ୍ବଲପୁର ସହରରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ ସମ୍ବଲପୁରରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବାରୁ ସେଥିପାଇଁ ଶୀତଳ ଷଷ୍ଠୀ ସମୟରେ ପାନୀୟ ଜଳ ଯୋଗାଣ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଯେଭଳି ପାନୀୟଜଳ ପର୍ଯ୍ୟାପ୍ତ ଯୋଗାଣ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତିବର୍ଷ ପରି ଏଥର ମଧ ନଗରପରିକ୍ରମା ସମୟରେ ଜନ-ସାଧାରଣଙ୍କ ନିମନ୍ତେ ପାନୀୟ ଜଳ, ସରବତ ଇତ୍ୟାଦି ଯୋଗାଇ ଦେବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଜିଲ୍ଲାପାଳ ନିବେଦନ କରିଛନ୍ତି । ମହାନଦୀର ମୁଖ୍ୟ ଘାଟରେ ଓଡ୍ରାଫ ଟିମ ମୁତୟନ କରିବାକୁ କମିଟି ତରଫରୁ ପ୍ରଶାସନକୁ ଦାବି କରାଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ଷ୍ଟ୍ରିଟ ଲାଇଟ ମରାମତି, ରାସ୍ତା ମରାମତି, ଡ୍ରେନ ସଫେଇ, ସମେତ ସ୍ୱାସ୍ଥ୍ୟ, ଅଗ୍ନିଶମ ବିଭାଗ ଏବଂ ଶୀତଳଷଷ୍ଠୀ ସହ ଜଡିତ ଅନ୍ୟ ବିଭାଗର ପ୍ରସ୍ତୁତି ବିଷୟରେ ଜିଲ୍ଲାପାଳ ପଚାରି ବୁଝିଥିଲେ । ପୋଲିସ ଓ ଅବକାରୀ ବିଭାଗ ତରଫରୁ ନିଶାଦ୍ରବ୍ୟ ତଥା ଅପରାଧିକ କାର୍ଯ୍ୟକଳାପକୁ ନଜର ରଖିବା ନିମନ୍ତେ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରାଯିବା ପାଇଁ ସ୍ଥିର ହୋଇଥିଲା ।

ଶୀତଳଷଷ୍ଠୀ ପାଇଁ ଦୂରଦର୍ଶନ ଏବଂ ଆକାଶବାଣୀ ତରଫରୁ ଲାଇଭ୍ କାର୍ଯ୍ୟକ୍ରମ କରାଯିବ । ଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ସିସି କ୍ୟାମେରା ଏବଂ ଡ୍ରୋନ ନଜରରେ ରହିବ । ଶୀତଳଷଷ୍ଠୀ ଯାତ୍ରା ଯେପରି ସୁରୁଖୁରୁରେ ସରିବ ସେଥିନିମନ୍ତେ ଜିଲ୍ଲାପାଳ କମିଟି ମାନଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ସଦର ଉପ-ଜିଲ୍ଲାପାଳ ପ୍ରଭାସ ଡ଼ନସେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଏସ.ପି ତପନ ମହାନ୍ତି, ଡେପୁଟି କମିଶନର ସମ୍ବଲପୁର ମହାନଗର ନିଗମ ଶଙ୍କର ସାହୁ, ପ୍ରମୁଖ ମଞ୍ଚାସୀନ ଥିଲେ ।

## ଭକ୍ତ ପ୍ରସାଦ ନନ୍ଦଙ୍କ ୮୦ ତମ ଜନ୍ମଦିନ ପାଳନ






ସମ୍ବଲପୁର: ଏବିସିଡି ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଦର୍ଶ ଶିକ୍ଷକ ଭକ୍ତ ପ୍ରସାଦ ନନ୍ଦଙ୍କ ୮୦ତମ ଜନ୍ମ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି, ଗୋଲକ ବିହାରୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶ୍ରୀ ନନ୍ଦଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ । ରାଜେନ୍ଦ୍ର ଶତନାମୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଶ୍ରୀ ନନ୍ଦ କେକ୍ କାଟିବା ସହିତ ଛାତ୍ରଛାତ୍ରୀଙ୍କୁ ସୁସ୍ଥ ଓ ନିରୋଗ ରହିବାର ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ସମାଜସେବୀ ସୁନୀଲ ସାଗର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧରେ ସମାଜସେବୀ କାର୍ତ୍ତିକ କଲେତ, ଅମିତ ମୁଦୁଲି, ମୁକେଶ ମେହେର, ସୁନାଲ ସାଗର ପ୍ରମୁଖ ଯୋଗ ଦେଇଥିଲେ ।

## ମନୋହରପୁର- ରାଉରକେଲା- ଝାରସୁଗୁଡ଼ା- ଜାମଗାଁ ତୃତୀୟ ଲାଇନ ଲୋକାର୍ପିତ





ଝାରସୁଗୁଡ଼ା : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସି ଜରିଆରେ ମନୋହରପୁର-ରାଉରକେଲା- ଝାରସୁଗୁଡ଼ା- ଜାମଗାଁ ତୃତୀୟ ଲାଇନ ଓ ଅନ୍ୟାନ୍ୟ ରେଳ ବିକାଶ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମର ସିଧାପ୍ରସାରଣ ଝାରସୁଗୁଡ଼ା ରେଳ ଷ୍ଟେସନ ଠାରେ ଆୟୋଜିତ ଏକ ସମାରୋହରେ ପ୍ରଦର୍ଶିତ ହୋଇଥିଲା । ସମାରୋହରେ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ବରଗଡ଼ ସାଂସଦ ପ୍ରତିନିଧି ଦିନେଶ ଜୈନ, ବିଜେପି ନେତା ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ, ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ଚକ୍ରଧରପୁର ଡିଆରଏମ ଅରୁଣ ଜାତୋହ ରାଠୋର, ରେଳ ବିଭାଗର ବରିଷ୍ଠ ଅଧିକାରୀ ଏସ୍.ପି ତ୍ରିପାଠୀ, ଏନ.ଏମ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ଚନ୍ଦ୍ରଶେଖର ବେହେରାଙ୍କ ୧୫୦ ତମ ଜୟନ୍ତୀ ପାଳିତ

ସମ୍ବଲପୁର : କୁଲୁଥକାନି ନାଗରିକ କମିଟି ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ୧୫୦ତମ ଜୟନ୍ତୀ ଶ୍ରୀ ରାଜେନ୍ଦ୍ର ପଟ୍ଟାଙ୍କ ଅଧ୍ୟକ୍ଷତାରେ





ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ବିଜେଡିର ଯୁବନେତା ସଞ୍ଜୟ ବାବୁ ସମ୍ମାନିତ ଅତିଥି ଏବଂ ଡକ୍ଟର ଗୌରୀଦାସ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ଶ୍ରୀ ଅରବିନ୍ଦ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଶ୍ରୀ ଉଦିତ୍ ଚନ୍ଦ୍ର ପାଟ୍ଟଯୋଶୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମିଟିର ପୂର୍ବତନ ସଭାପତି କାର୍ତ୍ତିକେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୁଲୁଥକାନି ଶୀତଳଷଷ୍ଠୀ ଯାତ୍ରା କମିଟିକୁ ସରକାରୀ ଅନୁଦାନ ଆଣିବାରେ ବିଶେଷ ଭୂମିକା ଗ୍ରହଣ କରିଥିବା ଶ୍ରୀ ସଞ୍ଜୟ ବାବୁଙ୍କୁ ଯାତ୍ରା କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା ।

## ମୁକେଶ ଭାମ୍ବୁ ସମ୍ବଲପୁରର ନୂଆ ଏସ୍‌ପି



ସମ୍ବଲପୁର : ଶେଷରେ ବଦଳି ହେଲେ ସମ୍ବଲପୁରର ବିବାଦୀୟ ଏସ୍‌ପି ବାତୁଲା ଗଙ୍ଗାଧର । ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ ଅଘଟଣ ଓ ହନୁମାନ ଜୟନ୍ତୀ ହିଂସାକାଣ୍ଡ ବଦନାମ ମୁଣ୍ଡାଇ ସେ ମୟୂରଭଞ୍ଜକୁ ବଦଳି ହୋଇଛନ୍ତି । ତାଙ୍କ ସ୍ଥାନରେ ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ମୁକେଶ କୁମାର ଭାମ୍ବୁ ସମ୍ବଲପୁରର ନୂତନ ଏସ୍‌ପି ଭାବେ ଯୋଗ ଦେବେ । ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ମୁକେଶ କୁମାର ଭାମ୍ବୁ ଏବେ ରାଉରକେଲାର ଏସ୍‌ପି ଭାବେ ଦାୟିତ୍ୱ ତୁଲାଉଛନ୍ତି ।

## ନନ୍ଦପଡ଼ା ଶୀତଳଷଷ୍ଠୀ କମିଟୀ ପକ୍ଷରୁ ରକ୍ତଦାନ ଶିବିର



ସମ୍ବଲପୁର : ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ପରମ୍ପରା ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତର ଅଭାବକୁ ଦୂର କରିବା ଉଦ୍ଦେଶ୍ୟରେ ଶୀତଳ ଷଷ୍ଠୀର ଅବ୍ୟବହିତ ପୂର୍ବରୁ ନନ୍ଦପଡ଼ା କମିଟି ପକ୍ଷରୁ ପ୍ରତିବର୍ଷ ଏଭଳି ରକ୍ତଦାନ ଶିବିର ଅୟୋଜନ କରାଯାଇଥାଏ । ଏଥିରେ ମୋଟ ୧୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra